ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.142 Bhubaneswar Wednesday July 12 2023 | ୨୬ତମ ବର୍ଷ ସଂଖ୍ୟା-୧୪୨ ଭୁବନେଶ୍ୱର, ବୁଧବାର, ଜୁଲାଇ ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ନିର୍ବାଚନକୁ ଦେଖି ମନେପଡିଲେ ଆଦିବାସୀ: ୫ବର୍ଷ ପରେ ବସିଲା ଆଦିବାସୀ ଉପଦେଷ୍ଟା ବୈଠକ

ଭୁବନେଶ୍ୱର,୧୧।୭(ପି.ଏନ): ଦୀର୍ଘ ୫ବର୍ଷ ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ଆଦିବାସୀ ଉପଦେଷ୍ଟା ପରିଷଦ(ଟିଏସି)ର ବୈଠକ ଆଜି ପ୍ରାୟ ଦୀର୍ଘ ୫ବର୍ଷ ପରେ ଅନୁଷ୍ଠିତ ହୋଇଛି । ଶେଷଥର ପାଇଁ ରାଜ୍ୟ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକ ୨୦୧୮ ଜୁନ୍ ୨୮ତାରିଖରେ ବସିଥିଲା ଓ ସେବେଠୁ ଏହି ଗୁରୁତ୍ୱପୂର୍ଣ୍ଣ ଟିଏସିକୁ ପଙ୍ଗୁ କରି ପକାଇ ରଖିଥିବା ରାଜ୍ୟ ସରକାର ବହୁ ସମାଲୋଚନା ପରେ ୨୦୨୨ ଅଗଷ୍ଟ ୨ତାରିଖରେ ଏହି ପରିଷଦର ପୁନର୍ଗଠନ କରିଥିଲେ ।ସୂଚନା ଅନୁସାରେ, ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ଚଳିତ ବର୍ଷରୁ ରାଜ୍ୟର ଯେକୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ସାଧାରଣ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ଗରିବ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ଏକକାଳୀନ ୫୦ହଜାର ଟଙ୍କାର ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।



ସେହିପରି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ 'ହୋ', 'ସଉରା' ଓ 'କୁଇ' ଭାଷାକୁ ଅନ୍ତର୍ଭୁକ୍ତ କରିବା ଏବଂ ଭାରତ ସରକାରଙ୍କର ଅନୁସୂଚିତ ଜନଜାତି ତାଲିକାରେ ଓଡିଶାର ରାଣା/ରୋଣା, ବୋଣ୍ଡୋ, ପିଭିଟିଜି, ମାଲି ଓ କୁଲି ସଂପ୍ରଦାୟକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକରେ ସୁପାରିଶ କରାଯାଇଛି । ସେହିପରି ଓଡିଶା ଅନୁସୂଚିତ ଜନଜାତି ତାଲିକାର-୪୯ରେ ଥିବା 'ମିର୍ଦ୍ଧାସ' ସହ 'ମିର୍ଦ୍ଧା'ଙ୍କୁ ଅନ୍ତର୍ଭୁକ୍ତ ପାଇଁ ସୁପାରିଶ କରାଯାଇଛି ।ଏହାବ୍ୟତୀତ ଜନଜାତି ବର୍ଗର ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନୁଚ୍ଛେଦ ଅଂଚଳରେ ୧୯୫୬ ରେଗୁଲେସନ୍ ୨ର ଧାରା ୩(୧)ରେ ସଂଶୋଧନ ପାଇଁ ଉପଦେଷ୍ଟା ପରିଷଦ ସୁପାରିଶ କରିଛନ୍ତି । ଫଳରେ ଉପଜିଲ୍ଲାପାଳଙ୍କ ଲିଖିତ ଅନୁମତିରେ ସିଡ୍ୟୁଲ ଏରିଆରେ ଆଦିବାସୀମାନେ କୃଷି, ଆବାସିକ ଗୃହ ନିର୍ମାଣ, ପିଲାଙ୍କ ଉଚ୍ଚଶିକ୍ଷା, ସ୍ୱନିଯୁକ୍ତି, ବ୍ୟବସାୟ କିମ୍ବା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ଆର୍ଥିକ ପ୍ରତିଷ୍ଠାନରେ ନିଜର ଜମିକୁ ବନ୍ଧକ ରଖି ଅବା ଲିଜ୍ ସୂତ୍ରରେ ଋଣ ନେଇପାରିବେ । ଉପଜିଲ୍ଲାପାଳ ଅନୁମତି ନଦେଲେ ସମ୍ପୃକ୍ତ ବ୍ୟକ୍ତି ୬ମାସ ମଧ୍ୟରେ ଜିଲ୍ଲାପାଳଙ୍କ ପାଖରେ ଆବେଦନ କରିପାରିବେ ବୋଲି ସରକାରୀ ପ୍ରେସ୍ ରିଲିଜରେ ଦର୍ଶାଯାଇଛି ।

## ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ସୃଷ୍ଟି ହେଲା ୯୦୨ ନୂତନ ପଦବୀ

ଭୁବନେଶ୍ୱର,୧୧।୭(ପି.ଏନ): ରାଜ୍ୟର ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ନୂତନ ପଦବି ସୃଷ୍ଟି ହୋଇଛି । ରାଜ୍ୟ ସରକାର ମୋଟ ୯୦୨ଟି ପଦବି ତିଆରି କରିଛନ୍ତି । ଏଥିରେ ୬୪୨ଟି ଶିକ୍ଷକ ଓ ୨୬୦ଟି ଅଣଶିକ୍ଷକ ପଦ ରହିଛି । ଖୁବ୍‌ଶୀଘ୍ର ଏନେଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ । ୬୪୨ ପୋଷ୍ଟ ଗ୍ରାଜୁଏଟ ଟିଚର(ପିଜିଟି) ପଦବି ସମେତ ୨୪ ଲାବୋରେଟୋରୀ ଆସିଷ୍ଟାଣ୍ଟ, ୨୪ ଲାବୋରେଟୋରୀ ଆଟେଣ୍ଡାଣ୍ଟ, ୧୦୬ ଆସିଷ୍ଟାଣ୍ଟ ଲାଇବ୍ରେରିଆନ, ୧୦୬ ଜୁନିୟର କ୍ଲର୍କ ପଦବି ସୃଷ୍ଟି ହୋଇଛି । ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ବିଶେଷ ଧ୍ୟାନ ଦେଇଆସୁଛନ୍ତି । ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ସହ ଶିକ୍ଷକ, ଅଣଶିକ୍ଷକ ପଦରେ ନିଯୁକ୍ତି ଦେଉଛନ୍ତି । ଏହି କ୍ରମରେ ୯୦୨ ପଦବିକୁ ମଞ୍ଜୁରି ଦେଇ ଆଉ ଏକ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷ ୧୦୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ସରକାର ଉନ୍ନୀତ କରିଛନ୍ତି । ଏ ସବୁ ବିଦ୍ୟାଳୟରେ ଯୁକ୍ତ-୨ ଖୋଲିଛି । ଦଶମ ପଢିସାରିବା ପରେ ଛାତ୍ରଛାତ୍ରୀ ସିଧାସଳଖ ନିଜ ବିଦ୍ୟାଳୟରେ ଯୁକ୍ତ-ଦୁଇ ପଢିପାରିବେ । ସେମାନଙ୍କୁ ଶିକ୍ଷାଦାନ ପାଇଁ ଏହି ନୂତନ ଶିକ୍ଷକ ପଦବିଗୁଡିକ ସୃଷ୍ଟି ହୋଇଛି । ସେହିପରି ପ୍ରତି ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟରେ ଅଫିସ କାର୍ଯ୍ୟ,ଲାବ୍ ସୁପରିଚାଳନା ଓ ପାଠାଗାର ପରିଚାଳନା ପାଇଁ ମଧ୍ୟ ସରକାର ବିଶେଷ ଧ୍ୟାନ ଦେଇ ଅଣ-ଶିକ୍ଷକ ପଦବିଗୁଡିକୁ ମଞ୍ଜୁରୀ ଦେଇଛନ୍ତି ।

## ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ୟୁନିଫର୍ମ ରଙ୍ଗ ବଦଳିଲା

ଭୁବନେଶ୍ୱର,୧୧।୭(ପି.ଏନ): ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ରାଜ୍ୟର ହାଇସ୍କୁଲରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା-ମୋଜା ମିଳିବ । ପୂର୍ବରୁ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାମାନେ ଏହି ସୁବିଧା ପାଉଥିବା ବେଳେ ଏବେ ନବମ ଓ ଦଶମ ଶ୍ରେଣୀର ପିଲାମାନେ ପାଇବେ । ହାଇସ୍କୁଲ ପିଲାଙ୍କୁ ପୋଷାକ, ଜୋତା-ମୋଜା ବିତରଣ ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ କମିଟି ଗଠନ କରାଯାଇଛି ।ଜଣେ ପିଲାକୁ ବର୍ଷକୁ ୫୦୦ ଟଙ୍କାରେ ଦୁଇହଳ ପୋଷାକ, ୨୦୦ ଟଙ୍କାରେ ହଳେ ଜୋତା ଓ ଦୁଇହଳ ମୋଜା, ୧୨୫ ଟଙ୍କାରେ ଗୋଟିଏ ଟି-ଶାର୍ଟ, ୧୨୫ ଟଙ୍କାରେ ଗୋଟିଏ ଟ୍ରାକ ପ୍ୟାଣ୍ଟ ଦିଆଯିବ । ଜଣେ ପିଲା ବାବଦରେ ରାଜ୍ୟ ସରକାର ୧ ହଜାର ଟଙ୍କା ଖର୍ଚ୍ଚ କରିବେ । ଆସନ୍ତା ୧୫ ତାରିଖ ସୁଦ୍ଧା ୟୁନିଫର୍ମ ସଂଗ୍ରହ ଓ ବଣ୍ଟନ ପ୍ରକ୍ରିୟା ସମାପ୍ତ ହେବ । ସେନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ୟୁନିଫର୍ମର ରଙ୍ଗ ବଦଳଯିବ । ପୂର୍ବରୁ ୟୁନିଫର୍ମର ରଙ୍ଗ ଧଳା ଓ ଘନନୀଳ ରହିଥିବା ବେଳେ ଏବେ ଛାତ୍ରଛାତ୍ରୀମାନେ 'ହଣ୍ଟର ଗ୍ରୀନ' ରଙ୍ଗର ପୋଷାକ କରିଧାନ କରିବେ । ପୁଅ ପିଲାଙ୍କ ପାଇଁ ଫୁଲ ପ୍ୟାଣ୍ଟ ଓ ଶାର୍ଟ ରହିଥିବା ବେଳେ ଝିଅଙ୍କ ପାଇଁ ଚୁଡିଦାର-ପଞ୍ଜାବୀ ସହ ଜ୍ୟାକେଟ ପୋଷାକ ରହିଛି ।

### ବାହାନଗା ଟ୍ରେନ୍ ଟ୍ରାଜେଡି
*ତିନି ଅଭିଯୁକ୍ତଙ୍କୁ ଆଉ ୪ ଦିନ ରିମାଣ୍ଡରେ ନେଲା ସିବିଆଇ*

ଭୁବନେଶ୍ୱର,୧୧।୭(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଟ୍ରାଜେଡି ମାମଲାରେ ପୁଣି ୪ ଦିନ ରିମାଣ୍ଡରେ ଯିବେ ୩ ଅଭିଯୁକ୍ତ। ସେମାନଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚୁରା କରିବ ସିବିଆଇ। ଆଜି ୪ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ସ୍ପେଶାଲ କୋର୍ଟ। ଆଜି ଅଭିଯୁକ୍ତମାନଙ୍କ ୫ ଦିନିଆ ରିମାଣ୍ଡ ସରିଥିଲା। ପରେ ଅଭିଯୁକ୍ତ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ,ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମୀର ଖାନ୍ ଓ ଟେକ୍ନିସିଆନ ପପୁ କୁମାରଙ୍କୁ କୋର୍ଟରେ ହାଜର କରିବା ପୂର୍ବରୁ ପ୍ରଥମେ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଟାଶାଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ମେଡିକାଲ ଟେଷ୍ଟ ପରେ ସେମାନଙ୍କୁ ଚନ୍ଦକା ଥାନାକୁ ଅଣାଯାଇଥିଲା। ପରେ ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତେବେ ରିମାଣ୍ଡକୁ ବିରୋଧ କରିଛନ୍ତି ଅଭିଯୁକ୍ତମାନଙ୍କ ଓକିଲ। ଏହି ୩ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଜାମିନ ଆବେଦନ କରିଛନ୍ତି। ସିନିୟର ସେକ୍ସନ ଇଂଜିନିୟର ଅରୁଣ ମହାନ୍ତ ଓ ସେକ୍ସନ ଇଂଜିନିୟର ଅମୀର ଖାନ୍‌ଙ୍କ ପାଇଁ ତାଙ୍କ ଓକିଲ ଏହି ଜାମିନ ଆବେଦନ କରିଛନ୍ତି। ସୂଚନା ଥାଉକି, ଗତ ଜୁନ୍ ୨ ତାରିଖରେ ଘଟିଥିଲା ଏହି ଦୁର୍ଘଟଣା। ଏହି ଭୟଙ୍କର ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୮୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାକି ୫ ଜଣଙ୍କ କଟକ ବଡ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ।

## ଗୁଳି ଫୁଟିବନି, ଶବ୍ଦ ବି ଶୁଭିବନି; ଖସାଇ ଦିଆଯିବ ଶତ୍ରୁପକ୍ଷର ଡ୍ରୋନ୍

ଭୁବନେଶ୍ୱର,୧୧।୭(ପି.ଏନ): ଫୁଟିବନି ଗୁଳି, ଶୁଭିବନି ଶବ୍ଦ, ହେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଖସାଇ ଦିଆଯାଇ ପାରିବ ଶତ୍ରୁ ସେନାର କ୍ଷତିକାରକ ଡ୍ରୋନ୍। ଡ୍ରୋନ୍ ?କୁ ବହୁ ଦୂରରୁ ଅକାମୀ କରିଦେବ ଜାମର୍। ଆମ ଦେଶରେ ଏଭଳି ଟେକ୍ନୋଲୋଜି ବିକଶିତ ହେଲାଣି। ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗୋଳାବନ୍ଧସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ତିନି ସେନାକୁ ନେଇ ଆୟୋଜିତ ସେମିନାରରେ ଏହି ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଛି। ଏବେ ବିଭିନ୍ନ କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର ହେଉଥିବା ବେଳେ ଏହା ଯେତିକି ସୁବିଧା ଦେଉଛି ସେତିକି



ସମସ୍ୟା ମଧ୍ୟ ଛିଡା କରିଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ବିଗାଡିବା ପାଇଁ ଶତ୍ରୁରାଷ୍ଟ୍ର କେତେବେଳେ ଭାରତ ଆକାଶରେ ଡ୍ରୋନ୍ ଉଡାଉଛି ତ ଆଉ କେତେବେଳେ ଡ୍ରୋନରେ ବିସ୍ଫୋରକ ଥିବା ସନ୍ଦେହ ମଧ୍ୟ କରାଯାଉଛି। ଏଭଳି ସ୍ଥଳେ ଡ୍ରୋନ ଡିଟେକ୍ଟର, କାଉଣ୍ଟର ଡ୍ରୋନ୍ ଟେକ୍ନୋଲୋଜି ତଥା ଡ୍ରୋନ୍ ଗନ୍ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ଗୁରୁତ୍ୱ ବେଶ୍ ବଢ଼ିଯାଇଛି।

## ରାଜ୍ୟରେ ଦୁର୍ବଳ ରହିଛି ମୌସୁମୀ ବର୍ଷା : ଆସନ୍ତା ୨୪ଘଣ୍ଟା ପାଇଁ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର: ମୌସୁମୀ ଚାପରେଖାର ପୂର୍ବଭାଗ ତା'ର ସାଧାରଣ ଅବସ୍ଥାନଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟରେ ମୌସୁମୀ ବର୍ଷା ଦୁର୍ବଳ ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ବିଜେପିର ସାଂଘାତିକ ଅଭିଯୋଗ : ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗ ହେଉନି ତ, ଜବାବ ରଖିଲା ବିଜେଡି

ଭୁବନେଶ୍ୱର,୧୧।୭(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ଦୁଇ ପ୍ରମୁଖ ରାଜନୀତିକ ଦଳ ବିଜେଡି ଓ ବିଜେପି ରାଜ୍ୟରେ ମୁହାଁମୁହିଁ ହୋଇଥିବାବେଳେ ବିଜେପି ଆଜି ଏକ ସାଂଘାତିକ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ଉପଯୋଗ ହେଉଥିବା ନେଇ ସନ୍ଦେହ ବ୍ୟକ୍ତ କରିଛି ।ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ଓ ଅଡିଓ ଏବେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି ।




ମୁଖ୍ୟମନ୍ତ୍ରୀ ବାସ୍ତବରେ ଭିଡିଓ କଲରେ ଉପସ୍ଥିତ ରହୁଛନ୍ତି ତ ବୋଲି ସେ ପ୍ରଶ୍ନ କରିବା ସହ ରାଜ୍ୟ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ହେଉଛନ୍ତି କି ନାହିଁ, ତାହା ମଧ୍ୟ ରହସ୍ୟଜନକ ଘଟଣା ଭଳି ମନେ ହେଉଛି । ଏଆଇ (ଆର୍ଟିଫିସିଆଲ ଇଂଟେଲିଜେନ୍ସ) ଟେକ୍ନୋଲୋଜିକୁ ବ୍ୟବହାର କରି ମୁଖ୍ୟମନ୍ତ୍ରୀଙ୍କ କଥା ଓ ଛବିକୁ ବ୍ୟବହାର କରାଯାଉନି ତ ବୋଲି ସେ ସନ୍ଦେହ ବ୍ୟକ୍ତ କରିଛନ୍ତି ।

## ସରିନି ଫ୍ଲାଏଓଭର ବ୍ରିଜ କାମ, ନଡିଆ ବାଡେଇ ଉଦ୍‌ଘାଟନ କରିଦେଲେ ବିଧାୟକ

ଭୁବନେଶ୍ୱର,୧୧।୭(ପି.ଏନ): ୭ ବର୍ଷ ପରେ ବି ସରିପାରିଲାନି ଜଟଣୀ ଫ୍ଲାଏଓଭର ବ୍ରିଜ କାମ। ହେଲେ ଏହି ଅସମ୍ପୂର୍ଣ୍ଣ ବ୍ରିଜକୁ ଆଜି ଦୀପ ଧୂପ ଦେଇ ନଡିଆ ବାଡେଇ ଉଦଘାଟନ କରିଦେଇଛନ୍ତି ସ୍ଥାନୀୟ ବିଧାୟକ ସୁର ରାଉତରାୟ। ବିଧାୟକଙ୍କ ଏଭଳି ପଦକ୍ଷେପକୁ ବିଜେଡି କଡା ଭାଷାରେ ନିନ୍ଦା କରିଥିବା ବେଳେ ଜଟଣୀ ପୌରାଧ୍ୟକ୍ଷ କହିଛନ୍ତି, ଫ୍ଲାଏଓଭର ଦେଇ ଜନସାଧାରଣ ଯାତାୟତ କଲେ ବିପଦ ରହିଛି। ସେପଟେ ରାଜନୀତି ନକରି ଜନସାଧାରଣଙ୍କ ବ୍ୟବହାର ପାଇଁ ତୁରନ୍ତ ବ୍ରିଜ କାମ ସାରିବାକୁ ସାଧାରଣରେ ଦାବି ହୋଇଛି। ବ୍ରିଜ୍ ଉଦ୍‌ଘାଟନ ପରେ ସ୍ଥାନୀୟ ବିଧାୟକ ସୁର ରାଉତରାୟ ଦମ୍ଭରେ ଘୋଷଣା କରିଛନ୍ତି, ୭ ବର୍ଷର



ଅପେକ୍ଷା ସରିଲା। ଏଣିକି ବର୍ଷା ହେଲେ ରେଲୱେର ଅଣ୍ଡରପାସ୍ ନୁହେଁ ବରଂ ଏହି ବ୍ରିଜ ଦେଇ ଲୋକେ ଯାତାୟତ କରିବେ। କେବଳ ସେତିକି ନୁହେଁ, ବ୍ରିଜ ଉପରେ କିଛି ସମର୍ଥକଙ୍କ ସହ ଚାଲି ଚାଲି ସେ ଫଟୋ ପୋଜ୍ ଦେଇଥିଲେ।

### ୧୭ରେ ବିରୋଧୀ ଦଳଙ୍କ ବୈଠକ

ନୂଆଦିଲ୍ଲୀ,୧୧।୭(ପି.ଏନ): ଶୀର୍ଷ ରାଜନୈତିକ ବିରୋଧୀ ଦଳମାନଙ୍କ ବୈଠକ ଡାକିଲେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ। ଆସନ୍ତା ୧୭-୧୮ରେ ବେଙ୍ଗାଲୁରୁ ଠାରେ ସମସ୍ତଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆବାହନ କ୍ରମେ ଗତ ଜୁନ୍ ୨୩ ତାରିଖରେ ହୋଇଥିବା ବିରୋଧୀ ଦଳ ବୈଠକ ସମ୍ପର୍କରେ ମଧ୍ୟ ସେ ସମସ୍ତଙ୍କୁ ମନେ ପକାଇ ଦେଇଛନ୍ତି। ନିମନ୍ତ୍ରଣ ପତ୍ରରେ ଖଡଗେ ଉଲ୍ଲେଖ କରିଛନ୍ତି ଯେ , ହୋଇଥିବା ବୈଠକରେ ଗଣତାନ୍ତ୍ରିକ ରାଜନୀତିରେ ଥିବା ବିପଦ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ମିଳିମିଶି ଆସନ୍ତା ସାଧାରଣ ନିର୍ବାଚନରେ ଲଢିବାକୁ ଚୁକ୍ତି ହୋଇଥିଲା। ଏହି ବୈଠକରେ ଆସନ୍ତା ଜୁଲାଇରେ ଆଉଥରେ ଭେଟିବାକୁ ମଧ୍ୟ ସହମତି ହୋଇଥିଲା। ତେଣୁ ଏହି ବିଷୟରେ ପୁଣି ଆଲୋଚନା କରାଯାଇ ନେଇଥିବା ନିର୍ଣ୍ଣୟକୁ ଗତିଶୀଳ କରାଇବା ବୋଲି ବିଶ୍ୱାସ ରହିଛି।

## କୁନୋ ଜାତୀୟ ଉଦ୍ୟାନରେ ଆଉ ଏକ ଚିତାର ମୃତ୍ୟୁ, ୫ ମାସରେ ୭ଟି ମଲେଣି

ଭୁବନେଶ୍ୱର,୧୧।୭(ପି.ଏନ): ମଧ୍ୟ ପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଆଉ ଏକ ଚିତା ବାଘର ମୃତ୍ୟୁ ଘଟିଛି। ତା' ନାଁ ତେଜସ। ଏହାକୁ ମିଶାଇ କୁନୋ ଜାତୀୟ ଉଦ୍ୟାନରେ ଗତ ୫ ମାସରେ ୭ଟି ଚିତାର ମୃତ୍ୟୁ ଘଟିଛି। ତେଜସ ପୂର୍ବରୁ ୩ଟି ଚିତା ବାଘ ଓ ୩ଟି ଚିତା ଶାବକଙ୍କର ମୃତ୍ୟୁ ଘଟିଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଆଜି ଦିନ ପ୍ରାୟ ୧୧ଟା ବେଳେ ମନିଟରିଂ ଟିମ୍ ତେଜସର ବେକର ଉପର ପାର୍ଶ୍ୱରେ କ୍ଷତ ଚିହ୍ନ ଦେଖିଥିଲେ। ସେମାନେ ତୁରନ୍ତ ଏ ସଂପର୍କରେ ପ୍ରାଣୀଧନ ଚିକିତ୍ସକଙ୍କୁ ସୂଚନା ଦେଇଥିଲେ। ସେମାନେ ପହଞ୍ଚି ତେଜସକୁ ଯାଞ୍ଚ କରିଥିଲେ। ତା'



ବେକରେ ଲାଗିଥିବା କ୍ଷତ ବେଶ୍ ଗଭୀର ଥିଲା। ସେମାନେ ବାଘଟିର ଚିକିତ୍ସା କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଅପରାହ୍ନ ପ୍ରାୟ ୨ଟା ବେଳେ ଚିତା ବାଘଟିର ମୃତ୍ୟୁ ହୋଇଯାଇଥିଲା ।ଶବ ବ୍ୟବଚ୍ଛେଦ ପରେ ତେଜସର ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରାଣୀଧନ ଚିକିତ୍ସକମାନେ କହିଛନ୍ତି। ତେବେ ତା' ଦେହରେ କ୍ଷତ କେମିତି ହେଲା, ସେ ନେଇ ତଦନ୍ତ ଜାରି ରହିଛି।

## ୬୫ ଇନ୍ସପେକ୍ଟରଙ୍କ ବଦଳି, କୋରାପୁଟରୁ ନୂଆପଡା ଗଲେ ଦିବ୍ୟଲୋଚନ ଦାସ

ଭୁବନେଶ୍ୱର,୧୧।୭(ପି.ଏନ): ଓଡିଶା ପୋଲିସ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜର ୬୫ଜଣ ଇନ୍ସପେକ୍ଟରଙ୍କ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି । ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।ବିଜ୍ଞପ୍ତି ଅନୁଯାୟୀ ଇନ୍ସପେକ୍ଟର ଦିବ୍ୟଲୋଚନ ଦାସଙ୍କୁ କୋରାପୁଟରୁ ନୂଆପଡା ବଦଳି କରାଯାଇଛି । ସେହିପରି ଇନ୍ସପେକ୍ଟର ତିଳୋତ୍ତମା ନାୟକଙ୍କୁ କୋରାପୁଟରୁ ମାଲକାନଗିରି, ଇନ୍ସପେକ୍ଟର ସମ୍ବିତ କୁମାର ବେହେରାଙ୍କୁ କୋରାପୁଟରୁ ନବରଙ୍ଗପୁର ବଦଳି କରାଯାଇଛି ।ଏହିପରି କୋରାପୁଟ, ରାୟଗଡା, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର, ନୂଆପଡା ଆଦି ଜିଲ୍ଲାମାନଙ୍କରୁ ପ୍ରାୟ ୬୫ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

## ୧୫ ବର୍ଷ ଧରି ରାଉରକେଲାରେ ଦୋକାନ ପ୍ରକଳ୍ପ ଶୂନ, ହାତ ବାନ୍ଧି ବସିଛି ଆରଡିଏ, ଅଧିକାରୀ ପଦ କେବଳ ଅତିରିକ୍ତ ଦାୟିତ୍ୱରେ ଚାଲିଛି

ରାଉରକେଲା, ୧୧।୭(ପି.ଏନ): ରାଉରକେଲା ସହରରେ ଥିବା ଆରଡିଏ ରାଉରକେଲା ଡେଭଲପମେଂଟ ଅଥରିଟୀ ୧୫ ବର୍ଷ ହେଲା ହାତ ବାନ୍ଧି ବସିଛି। ସହରରେ ବାସଗୃହ, ଦୋକାନ ଘରର ଅବଶ୍ୟକତା ରହିଥିଲେ ବି ସହର ବାସୀଙ୍କ ଲାଗି ଏହି ସଂସ୍ଥା ଏ ଦିଗରେ ପାଦଟିଏ ଆଗେଇ ପାରୁନାହିଁ। ଫଳରେ ବାସଗୃହ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ସହରରେ ହାଉସିଂ ବୋର୍ଡ ପକ୍ଷରୁ ବାସନ୍ତି କଲୋନୀ, ଛେଣ୍ଡରେ କିଛିଟା ପ୍ଲଟ ଓ ବାସଗୃହର ବ୍ୟବସ୍ଥା କରାଯାଇଥିବା ବେଳେ ସେ ସମୟରେ ବର୍ତ୍ତମାନର ଆରଡିଏ ଆରଆର ଆଇଟି ଥିବା ବେଳେ ଛେଣ୍ଡ କଲୋନୀରେ ବାସଗୃହ ଓ ସହରରେ କିଛି ଦୋକାନ ଗୃହ କରାଯାଇଥିଲା, ଶେଷ ପ୍ରକଳ୍ପ ହାଉସିଂବୋର୍ଡ ପକ୍ଷରୁ ରାଉରକେଲାରେ ସାରଦା ବାବୁ ମନ୍ତ୍ରୀ ଥିବା ବେଳେ କିଛିଟା ପ୍ଲଟ ଆବଂଟନ ହୋଇଥିଲା । ତେବେ ଏହାରି ଭିତରେ ୧୫ ବର୍ଷ ବିତି ଯାଇଥିବା ବେଳେ ଆରଡିଏ ଏକ ପ୍ରକାର ହାତ ଗୋଡ ହରାଇ ପଡିଛି ଓ ସହରରେ ବାସଗୃହ ସମସ୍ୟା ବଢିଥିଲେ ବି ଏହାର ସମାଧାନ ଲାଗି ଆରଡିଏ ଉଦ୍ୟମ କରିନଥିବା ଜଣାପଡିଛି । ଏସବୁର କାରଣ ପଛରେ ଜଣେ ସ୍ୱତନ୍ତ୍ର ଅଧିକାରୀ ଆରଡିଏକୁ ଆସୁନଥିବା ବେଳେ ଆରଡିଏ କର୍ମଚାରୀ ମାନେ କେବଳ ଦରମା ନେଇ ବସିବା ସହ ଅତିରିକ୍ତ ଦାୟିତ୍ୱରେ ଥିବା ବାବୁ ମାନେ କେବଳ ଆରଡିଏରୁ ସେବା ନେଇ ବସୁଛନ୍ତି ସିନା ଏସବୁ ଦିଗରେ ଦୃଷ୍ଟି ନଦେବା ମୁଖ୍ୟ କାରଣ ବୋଲି ଜଣାପଡିଛି ।ଆରଡିଏର ନିର୍ମାଣ ସେତେବେଳେ ସରକାର କରିଥିଲେ ସହର ବାସୀଙ୍କୁ ଏହି ସଂସ୍ଥା ଘର ଦୋକାନ ଘର ନିର୍ମାଣ କରି ଯୋଗାଇବ, ଆର ଆର ଆଇଟି ଥିବା ବେଳେ ଏହି ସଂସ୍ଥା ସେ ସବୁ ଦିଗରେ ଅନେକ କାମ କରିଥିଲା। ତେବେ ଆରଡିଏ ସଳ ହେବା ପରେ ଏହି ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଭାବେ ପ୍ରାୟ ୧୦ ବର୍ଷ ଧରି କେହି ରହୁନଥିବା ବେଳେ ଏଡିଏମ ରାଉରକେଲା ଏହାର ଦାୟିତ୍ୱରେ ରହୁଛନ୍ତି । ସେ ଏଡିଏମ ପଦ ଦେଖିବା ସହ ଆରଏମସି, ସ୍ମାର୍ଟ ସିଟି କଥା ବୁଝିବା ପରେ ସମୟ ହେଲେ ଏହି ଅଫିସ କଥା ମନେ ପଡିଲା ତ ଭଲ ନହେଲେ ନାହିଁ, କିନ୍ତୁ ସେହି ପଦବୀ ଲାଗି ଗାଡି ଇତ୍ୟାଦି ଇତ୍ୟାଦି ସୁବିଧା ଆରଡିଏ ଯୋଗାଇ ଦେଇଥାଏ । ଏହି ଅଫିସ ଅଧିନରେ ଥିବା ଦୋକାନ ଘର ଗୁଡିକରୁ ଆଦାୟ ମାସିକ ୧୫ ଲକ୍ଷ ଟଙ୍କା ଭଡା ଏହାର କର୍ମଚାରୀ ମାନଙ୍କର ଦରମା ଓ ଅଫିସ ଖର୍ଚ୍ଚ ତୁଲାଉଛି । ଏଠାରେ ଥିବା ପ୍ଲାନ ଆପ୍ରୁଭାଲ ଆଦି କାମ ଏବେ ଆରଏମସି ପାଖକୁ ଚାଲିଜିବା ପରେ ଏହି ଅଫିସ କର୍ମଚାରୀ ମାନେ କେବଳ ଦୋକାନ ଭଡା କାମକୁ ଛାଡି ଦେଲେ କିଛି କାଁ ଭାଁ କାମରେ ରହି ସମୟ ଅତିବାହିତ କରୁଛନ୍ତି । ଅଫିସରେ ଆବଶ୍ୟକତା ଠାରୁ ଅଧିକ କର୍ମଚାରୀ ଥିବା ସତ୍ତ୍ୱେ ଦୋକାନ ଭଡା ଆଦାୟ କାମରେ କିଛି ଅବସରପ୍ରାପ୍ତ ଲୋକଙ୍କୁ ଧରି କାମ ଚଳାଯାଉଛି। ଫଳରେ ଅନେକ ସମୟରେ ଏଠାରେ ବିଭ୍ରାଟ ସୃଷ୍ଟି ମଧ୍ୟ ହେଉଛି । ମୁଖ୍ୟତଃ ବାସଗୃହ ସମସ୍ୟାର ସମାଧାନ ଲାଗି ଅତିତରେ ବର୍ତ୍ତମାନର ବିଧାୟକ ଏହା ଚେୟାରମ୍ୟାନ ଥିବାବେଳେ ସହର ବାସୀଙ୍କୁ କଥା ଦେଇଥିଲେ ଅନେକ ବାସଗୃହ ନିର୍ମାଣ କରି ଲୋକଙ୍କୁ ଯୋଗାଇଦେବେ, କିନ୍ତୁ ସେ ବିଧାୟକ ହେଲେ ସହରରେ ବିଶ୍ୱ ହକି ପଡିଆ ହେଲା, ବାସଗୃହ ସମସ୍ୟା ଅଧିକରୁ ଅଧିକ ବଢିଲା, ୭ ଲକ୍ଷ ଟଙ୍କାର ପ୍ଲଟ ୧ କୋଟିରେ ପହଁଚିଲା, କିନ୍ତୁ ବିଧାୟକ ତାଙ୍କ କଥାକୁ ରଖି ପାରିଲେନି ।ଏହାର ସୁଯୋଗ ନେଇ କିଛି ଦଲାଲ ଲାଠିକଟା ଠାରୁ ଆରମ୍ଭ କରି ବେଦବ୍ୟାସ ରାଜଗାଙ୍ଗପୁର ଭିତରେ ଲୋକଙ୍କୁ ଜମି ଘର ଯୋଗାଇଦେବାର ଅନେକ ସ୍ୱପ୍ନର ପ୍ରକଳ୍ପ ଦେଖାଇଛନ୍ତି ସିନା ଏଯାଏ ନିଜ ସ୍ୱପ୍ନର ଘର ଖଣ୍ଡିଏ ସହର ବାସୀ ପାଇ ନାହାନ୍ତି । ଏହାଦ୍ୱାରା ସହରରେ ସରକାରୀ ଜମି ଗୁଡିକ ଅସାଧୁ ଲୋକଙ୍କ ଦ୍ୱାରା ଧିରେ ଧିରେ ଦଖଲ ହେବା ସହ ଆଗାମୀ ଦିନରେ ସରକାରୀ ଜମି ଗୁଡିକ ବିବାଦ ଭିତରକୁ ଚାଲିଯାଉଛି, କିନ୍ତୁ ଲୋକେ ଚାହିଁ ରହିଥିଲେ ମଧ୍ୟ ଘର ଖଣ୍ଡିଏ ଯାଗା ଘର ପାଇ ପାରୁ ନାହାନ୍ତି । ତେଣୁ ରାଜ୍ୟ ସରକାର ଆରଡିଏକୁ ପୁଣି କାର୍ଯ୍ୟକ୍ଷମ କରିବା ଲାଗି ଏଠାରେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବା ସହ ଜବର ଦଖଲ ହୋଇ ପଡିଥିବା ସହରର ମୂଲ୍ୟବାନ ଜମି ଗୁଡିକୁ ଯୋଗାଇ ଦେଇ ପାରିଲେ ସହରରେ ପୁଣି ଲୋକଙ୍କ ଲାଗି ବାସଗୃହ ଖଣ୍ଡେ ମିଳିବାର ସମ୍ଭାବନା ସୃଷ୍ଟି ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୧ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ









## ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ଓ୍ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ଓ୍ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁଓ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୧୨

## ଗଙ୍ଗାଧର ପାଇକରାୟ



ଯୁଧିଷ୍ଠିର ମହାରଣା

ପ୍ରାକ୍ ସ୍ୱାଧୀନତା କାଳରେ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ, ଭାରତୀୟ ଜାତୀୟ କଂଗ୍ରେସ ଛାଡ଼ି କମ୍ୟୁନିଷ୍ଟ ଦଳରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଗଙ୍ଗାଧର ପାଇକରାୟ ଅନ୍ୟତମ। ସେ ବାଲ୍ୟକାଳରୁ ହିଁ ପିତା ରାଜୀବ ପାଇକରାୟଙ୍କ ସ୍ୱାଧୀନଚେତା ତଥା ଜାତୀୟବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ। ବୋଲଗଡ଼ର ଏକ ବିଦ୍ୟାଳୟରେ ପଢୁଥିବା ବେଳେ ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବୋଲଗଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ। ତାଙ୍କ ଭାଷଣ ବାଳକ ଗଙ୍ଗାଧରଙ୍କୁ ଅନୁପ୍ରାଣିତ କରିଥିଲା। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲେ। ବସ୍ତାନିରେ ସବୁ ଦିନ ପାଇଁ ଡୋରି ବନ୍ଧା ହୋଇଯାଇଥିଲା। ସତର ବର୍ଷ ବୟସର ହେବା ବେଳକୁ ସେ ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସୈନିକ। ଏହି କଞ୍ଚା ବୟସରେ ଗିରଫ ହୋଇ ପାଟନା କାରାଗାରରେ ରହିଥିଲେ। ସେତେବେଳେ ସେ ଥିଲେ ସବୁଠାରୁ କନିଷ୍ଠ ବନ୍ଦୀ। କାରାଗାର ରହଣି କାଳରେ ବିଭିନ୍ନ ପୁସ୍ତକ ପାଠ କରି ଜ୍ଞାନ ଆହରଣ କରିଥିଲେ। ମୁକ୍ତିଲାଭର କିଛି କାଳ ପରେ ୧୯୩୪ରେ କଂଗ୍ରେସର କାର୍ଯ୍ୟଧାରା ଆଉ ପସନ୍ଦ ନ ହେବାରୁ ଦଳ ଛାଡ଼ି, କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ଯୋଗଦେଇଥିଲେ। ତାହାପରେ ୧୯୪୩ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି। ଗଙ୍ଗାଧର ଥିଲେ କୃଷକ, ଖଟିଖିଆ, ଅତ୍ୟାଚାରିତଙ୍କ ପରମ ବନ୍ଧୁ। ତାଙ୍କର ସରଳ ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରୁଥିଲା। ସେ ଶେଷ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ଦଳରେ ହିଁ ଥିଲେ। ଏହି ଦଳରୁ ଲଢ଼ି ସେ ଚାରି ଚାରିଥର ବେଗୁନିଆର ବିଧାୟକ ହୋଇପାରିଥିଲେ। ୧୯୧୫ ଜୁଲାଇ ୧୨ ତାରିଖ ଦିନ ସାନପଦର ଗ୍ରାମରେ ସେ ଜନ୍ମ ହୋଇଥିଲେ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮*

## ଭଗବାନ ଶିବଙ୍କ ମାସ : ଶ୍ରାବଣ



ତପସ୍ୱିନୀ ପଟ୍ଟନାୟକ

ଶିବ ଭକ୍ତି ନିମନ୍ତେ ଶ୍ରାବଣ ମାସ ସର୍ବୋତ୍ତମ ଅବସର ଆଣିଥାଏ। ଏହି ମାସରେ ଭକ୍ତି ଭାବର ସହିତ ମହାଦେବଙ୍କ ଆରାଧନା କରିବା ଦ୍ୱାରା ତାଙ୍କର କୃପା ପ୍ରାପ୍ତି ହୋଇଥାଏ। ମାତ୍ର ବେଲପତ୍ର ଏବଂ ଜଳାଭିଷେକ ଦ୍ୱାରା ଏହି ମାସରେ ମହାଦେବଙ୍କ ଅନୁକମ୍ପା ପ୍ରାପ୍ତ କରିହେବ। ସାରା ଜଗତ ଭଗବାନ ଶିବଙ୍କ ଠାରୁ ହିଁ ସୃଷ୍ଟି ହୋଇଛି। ଶିବର ଅର୍ଥ ପରମକଲ୍ୟାଣକାରୀ। ଲୟ ଏବଂ ପ୍ରଳୟକୁ ମହାଦେବ ନିଜ ଅଧୀନରେ ରଖିଛନ୍ତି। ତାଙ୍କ ଠାରେ ପରସ୍ପର ବିରୋଧୀ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ତାଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଉଥାଏ, ଗଳାରେ ଲମ୍ବିଥାଏ ବିଷଧର ସର୍ପ। ସେ ଅର୍ଦ୍ଧନାରୀଶ୍ୱର ହୋଇଥିଲେ ବି କାମନା ଉପରେ ବିଜୟ ହାସଲ କରିଛନ୍ତି। ଗୃହସ୍ଥ ଭଳି ଜୀବନ ନିର୍ବାହ କରୁଥିଲେ ବି ଶ୍ମଶାନବାସୀ ଏବଂ ବୈରାଗୀ। ତାଙ୍କର ସୌମ୍ୟ ଆଶୁତୋଷ ସ୍ୱରୂପ ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରୁଥିବା ବେଳେ ଭୟଙ୍କର ରୁଦ୍ର ସ୍ୱରୂପ ଦୁଷ୍ଟଙ୍କ ମନରେ ଭୀତି ସଞ୍ଚାର କରିଥାଏ। ଦେବଶୟନୀ ଏକାଦଶୀରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଯିବା ପରେ ମହାଦେବ ହିଁ ଜଗତ ପାଳକ ଦାୟିତ୍ୱ ନିର୍ବାହ କରିଥାନ୍ତି। ଏହି କାରଣରୁ ଶ୍ରାବଣ ମାସରେ ମହାଦେବଙ୍କୁ ଆରାଧନା କରାଯାଇଥାଏ। ଚର୍ତୁଦିଗରେ ତାଙ୍କର ନାମ ଗୁଞ୍ଜରିତ ହୋଇଥାଏ।

ଶ୍ରାବଣ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ଏହି ମାସର ନାମକରଣ ଶ୍ରାବଣ ହୋଇଛି। ଏହି ମାସର ସମ୍ପୂର୍ଣ୍ଣ କଳା କେବଳ ବ୍ରହ୍ମଦେବ ଜାଣିଥାନ୍ତି। ଏହି ମାସରେ ପ୍ରତ୍ୟେକ ଦିନ ଜପ, ତପ, ବ୍ରତ ଏବଂ ପୂଣ୍ୟ କାର୍ଯ୍ୟରେ ଅତିବାହିତ କରିବା ଉଚିତ। ଶ୍ରାବଣ ଭଗବାନ ଶିବଙ୍କ ପାଇଁ ଅତିପ୍ରିୟ ମାସ। ବର୍ଷାଋତୁର ଚାରି ମାସ ମଧ୍ୟ ଶିବଙ୍କ ଆରାଧନା କରାଯାଇପାରିବ। ସ୍ୱୟଂ ଭଗବାନ ଶିବ ନିଜ ମୁଖରେ ବ୍ରହ୍ମାଙ୍କ ମାନସ ପୁତ୍ର ସନତ କୁମାର ମାନଙ୍କୁ କହିଛନ୍ତି ଯେ ୧୨ ମାସ ମଧ୍ୟରେ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ। ସନତ କୁମାରମାନେ ଏହାର କାରଣ ପଚାରିବାରୁ ଭଗବାନ ଶିବ କହୁଛନ୍ତି, ଦେବୀ ସତୀ ନିଜ ପିତା ଦକ୍ଷଙ୍କ ଘରେ ଯୋଗଶକ୍ତି ରୂପରେ ଶରୀର ତ୍ୟାଗ କରିବା ସମୟରେ ପ୍ରତ୍ୟେକ ଜନ୍ମରେ ମୋତେ ପତି ରୂପରେ ପାଇବା ଲାଗି ପ୍ରତିଜ୍ଞା କରିଥିଲେ। ପରେ ସେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନେଲେ। ପାର୍ବତୀ ଦେବୀ ଯୁବାବସ୍ଥାରେ ପହଞ୍ଚିବା ପରେ ଗୋଟିଏ ମାସ ଉପବାସ ରହି କଠୋର ବ୍ରତ କରିଥିଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମୁଁ ଦେବୀଙ୍କୁ ବିବାହ କରିଥିଲି। ସେହି ମାସ ଥିଲା ଶ୍ରାବଣ, ତେଣୁ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ।

## ମମ ଭୂତ ମହେଶ୍ୱରମ୍



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା – ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନଫର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ – ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର କେତେବେଳେ ଦୁଇ ବାହୁ ଟେକି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ଦେଉଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି – ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, – 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ – ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି – 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, – ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହୁରି ମଧ୍ୟ କହିଛନ୍ତି – 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ ! ତୁ ଏହାକୁ ଭଲପାଇ ପାରିବୁ ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି ?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ଐସଭୟଙ୍କ ଶବ୍ଦର ଅର୍ଥ ହେଉଛି ଐଙ୍କଙ୍କବଭସଝ୍ଛ (ମାନବତ୍ୱର ପ୍ରତୀକ), ଓଭୟସଙ୍ଗସୟଙ୍କବକ୍ଷସଝ୍ଛ (ବ୍ୟକ୍ତିତ୍ୱର ପ୍ରତୀକ), ଘବଝ୍ସକ୍ଟଭବକ୍ଷସଝ୍ଛ (ଜାତୀୟତାର ପ୍ରତୀକ), ଉସଙ୍ଗସଭସଝ୍ଛ (ଦୈବତ୍ୱର ପ୍ରତୀକ) ଏବଂ ଟଭସଝ୍ଛ (ଏକତ୍ୱର ପ୍ରତୀକ) ଯାହା ମଧ୍ୟରେ ସମସ୍ତଗୁଣ ଥାଏ ସେ ପ୍ରକୃତ ହିନ୍ଦୁ। ଏହି ପାଞ୍ଚୋଟି ଅନ୍ତର ପ୍ରବାହ ହୋଇ ରହିଛି ପ୍ରେମ। ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।

*ପ୍ରଫେସର ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

## ବୋଲବମ୍ ଓ ନିଶା



ଡାକ୍ତର ସମ୍ରାଟ କର

ଶ୍ରାବଣ ମାସ ସୋମବାର ସକାଳ । ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ। ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ । ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ । ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ' । ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି । ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି । ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ। ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି । ମୋ ପାଖରେ ବହୁତ ଟଙ୍କା ଅଛି । ସବୁ ସରପଞ୍ଚ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ । ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ । ଛାଡିଦିଅ ମୋତେ ଛାଡିଦିଅ ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି ? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ । ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା ? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ । ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି ?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା ? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି । ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ । ତା'ପରେ ସବୁ ପ୍ରଶ୍ନର ଉତ୍ତର ଦେବି ।'

ନିଶା ସେବନର କାରଣ : ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ । ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ । ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ । ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ । ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ । ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ଼ଧଡ଼ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ । ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି । ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ । ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତ୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ । ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ । ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ । ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି । ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି । ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ୍ୟ ହୁଅନ୍ତି । ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ । ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା ସେବନ ରାସ୍ତାରେ ପକାଇ ଦିଅନ୍ତି । ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେଣ୍ଟ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ । କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ । ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ । ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି । କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ ।

ସମସ୍ୟା :

ମାନସିକ ସକମସ୍ୟା : ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ସୟ ଉରଭଝ୍ସକ୍ସର)କୁ ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । ତେଣୁ ଏହା ସମସ୍ତଙ୍କର ହୁଏନାହିଁ । ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା– ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ ।

ଶାରୀରିକ ସମସ୍ୟା : ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ । ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ୍, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ । ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ ।

ସାମାଜିକ ସମସ୍ୟା : ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡୁ ନାହିଁ । କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି । ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି । ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି । ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା । ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ । ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ ।

ଆଇନଗତ ସମସ୍ୟା : ବର୍ତ୍ତମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା । ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଉଛନ୍ତି । ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି । ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି ।

ଚିକିତ୍ସା : ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ । ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି । କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡିକ କମିଯାଏ । ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ । ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ । ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ । ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ । କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା । ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ । ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ ।

*ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍,*
*ପୁରୀଘାଟ ରୋଡ଼,*
*କଟକ, ମୋ–୯୧୩୨୪୩୩୩୩୩*

## ଶ୍ରାବଣରେ ଶିବ

ବହୁ ପ୍ରାଚୀନ କାଳରୁ ପୁଣ୍ୟଭୂମି ଉତ୍କଳ ଧର୍ମ ସଂସ୍କୃତିର ମହାସଙ୍ଗମ ସଥା ସମନ୍ୱୟସ୍ଥଳ ଭାବରେ ସୁପ୍ରସିଦ୍ଧ। ଓଡ଼ିଶାର ଧର୍ମଧାରଣା, ସାମାଜିକ ପ୍ରକ୍ରିୟା, କଳା ଓ ସଂସ୍କୃତି ଅତୀବ ବିସ୍ମୟକର। ଧର୍ମଦୃଷ୍ଟିରୁ ଓଡ଼ିଶାକୁ ୫ ଭାଗରେ ବିଭକ୍ତ କରାଯାଇପାରେ। ବିଭିନ୍ନ ସମୟରେ ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଓ ସୌର ଉପାସନା ପୁଣ୍ୟଭୂମି ଉତ୍କଳର ଧାର୍ମିକ ପରମ୍ପରାକୁ ଶୀର୍ଷକୁ ନେଇଥିବାର ପ୍ରମାଣ ରହିଛି। ଆଲୋଚ୍ୟ ଶୈବଧର୍ମ ଆର୍ଯ୍ୟ ସ ଅନାର୍ଯ୍ୟ ସଂସ୍କୃତିର ମିଳନରେ ସୃଷ୍ଟି ବୋଲି ଗବେଷକମାନଙ୍କର ଦୃଢ଼ମତ। ଶୈବଧର୍ମ ଓଡ଼ିଶାର ପ୍ରାଚୀନ ଧର୍ମ ଭାବରେ ବିବେଚିତ। ଶୈବ ଧର୍ମାବଲମ୍ବୀମାନଙ୍କର ଉତ୍କଳ ହିଁ ହେଉଛି ଅତୀବ ପ୍ରାଚୀନ ତଥା ମୁଖ୍ୟ ଉପାସନା କ୍ଷେତ୍ର। ଶୈବଧର୍ମ ଓଡ଼ିଶାର ଅତ୍ୟନ୍ତ ପ୍ରାଚୀନ ଓ ଲୋକପ୍ରିୟ ହୋଇଥିବାର ପ୍ରମାଣ ଓଡ଼ିଶାର କୋଣଅନୁକୋଣରେ ପ୍ରତିଷ୍ଠିତ ଶିବମନ୍ଦିର ମାନଙ୍କରୁ ହିଁ ମିଳିଥାଏ। କୁଶାଣ ରାଜତ୍ୱ କାଳ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଶିବପୂଜା ଓଡ଼ିଶାର ଏକ ସ୍ୱତନ୍ତ୍ର ଧର୍ମ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ଗଞ୍ଜାମର ମୁଖଲିଙ୍ଗ ଠାରେ ପ୍ରାଚୀନ କାଳରେ କଳିଙ୍ଗର ରାଜଧାନୀ ପ୍ରତିଷ୍ଠା ହୋଇଥିବା ସମୟରେ ମଧୁକେଶ୍ୱର ନାମରେ ଏକ ଶିବଲିଙ୍ଗ ସ୍ଥାପିତ ହୋଇଥିଲେ। ଏହି ମଧୁକେଶ୍ୱର ହେଉଛନ୍ତି ଶବର ପୂଜିତ ଶିବଲିଙ୍ଗ। ସ୍କନ୍ଧ ପୁରାଣରେ ବର୍ଣ୍ଣିତ ଆଖ୍ୟାନରୁ ଜଣାଯାଏ, କଳିଙ୍ଗର ଏକ ନିବିଡ଼ ଅରଣ୍ୟରେ ପ୍ରାଚୀନ କାଳରେ ବାସ କରୁଥିଲେ ଜଣେ ଶବର ନେତା। ତାଙ୍କ କୁଟିର ନିକଟରେ ଥିବା ଏକ ମଧୁକ ବୃକ୍ଷମୂଳରୁ ଲିଙ୍ଗାକୃତି ପ୍ରସ୍ତରପ୍ରାପ୍ତ ହେଲେ। ତତ୍‌କାଳୀନ କଳିଙ୍ଗ ରାଜା କାମାର୍ଣ୍ଣବ ଦେବ ଗୋଟିଏ ମନ୍ଦିର ନିର୍ମାଣ କରି ଶୈବରୀତିରେ ସେହି ଲିଙ୍ଗକୁ ସ୍ଥାପନ କରି ତାଙ୍କର ନାମ ରଖିଲେ ମଧୁକେଶ୍ୱର। ବର୍ତ୍ତମାନ ସୁଦ୍ଧା ସେହି ଲିଙ୍ଗପୂଜା ପାଉଛନ୍ତି ମଧୁକେଶ୍ୱର ନାମରେ।

ଓଡ଼ିଶାରେ ଶୈବଧର୍ମର ଦୁଇ ମୁଖ୍ୟ ସମ୍ପ୍ରଦାୟ ଯଥା ପାଶୁପତ ଓ ମଞ୍ଜମୟୁର ଖ୍ରୀଷ୍ଟୀୟ ପ୍ରଥମ ଦ୍ୱିତୀୟ ଶତକରେ ନକୁଳୀଶ ବା ଲକୁଳୀଶଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ଖ୍ରୀଷ୍ଟୀୟ ତୃତୀୟ ଚତୁର୍ଥ ଶତକ ସୁଦ୍ଧା ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ଶିବପୂଜା ବହୁଳଭାବରେ ପ୍ରଚଳିତ ଥିବା ଆସନପାଟରୁ ଆବିଷ୍କୃତ ବିଗ୍ରହରୁ ଜଣାଯାଏ। ଦଶମ ଶତାବ୍ଦୀରୁ ଉତ୍କଳରେ ଶୈବଧର୍ମ ଇତିହାସରେ ନବ ଯୁଗର ସୂତ୍ରପାତ ହେଲା। ରାଜାମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶା ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ହେଲା ଅଗ୍ରସର। ସମଗ୍ର ଉତ୍କଳର ପୁରପଲ୍ଲୀରେ ଶତ ଶତ ଶିବ ମନ୍ଦିର ପ୍ରତିଷ୍ଠିତ ହେଲା। ଭୁବନେଶ୍ୱରରେ ପ୍ରଥମ ଯଯାତି ମୁକ୍ତେଶ୍ୱର ମନ୍ଦିର ନିର୍ମାଣ କରି ନିଜର ସ୍ୱପ୍ନ ସାର୍ଥକ କଲେ। ଦ୍ୱିତୀୟ ଯଯାତି ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀ ଭୁବନେଶ୍ୱର ଠାରେ ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ନିର୍ମାଣ କରି ଚିରଦିନ ପାଇଁ ଅକ୍ଷୟକୀର୍ତ୍ତି ଅର୍ଜନ କଲେ। କେନ୍ଦୁଝର ଜିଲ୍ଲାର ଦେଓଗାଁସ୍ଥିତ କୁଶଳେଶ୍ୱର ଶିବ ମନ୍ଦିର ଏହି ସମୟରେ ଯଯାତିକେଶରୀଙ୍କ ଦ୍ୱାରା ନିର୍ମିତ ବୋଲି ଜନଶ୍ରୁତି ରହିଛି। କେବଳ ସେତିକି ନୁହେଁ ଯାଜପୁର, ବାଣପୁର, ପୁରୀ ଓ ପ୍ରାଚୀ ନଦୀ ଅବବାହିକାରେ ମଧ୍ୟ ସୋମବଂଶୀ ରାଜାମାନେ ଅସଂଖ୍ୟ ଶିବମନ୍ଦିର ନିର୍ମାଣ କରିଥିବାର ପ୍ରମାଣ ରହିଛି। ଏହି ସମୟରେ ଶିବଙ୍କ ନାମ ସହିତ ବହୁଳଭାବରେ ଈଶ୍ୱର ନାମ ସଂଯୁକ୍ତ କରାଯାଇଥିବା ଜଣାପଡ଼େ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର,



କପିଳେଶ୍ୱର, ମୁକ୍ତେଶ୍ୱର, ଗୁପ୍ତେଶ୍ୱର, ଧବଳେଶ୍ୱର, କପୋତେଶ୍ୱର, ବେଲେଶ୍ୱର, ଜଳେଶ୍ୱର ଓ ଚନ୍ଦନେଶ୍ୱର ନାମ ପ୍ରଣିଧାନଯୋଗ୍ୟ। ଓଡ଼ିଶାର ପ୍ରମୁଖ ଧବଳେଶ୍ୱର ମନ୍ଦିର ଦଶମ ଏକାଦଶ ଶତାବ୍ଦୀର ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ମତବ୍ୟକ୍ତ କରନ୍ତି। ଓଡ଼ିଶାରେ ବୌଦ୍ଧଧର୍ମର ଉଦ୍ଭବ ଓ ବିକାଶ କ୍ଷେତ୍ରରେ ଶ୍ରୀଧବଳେଶ୍ୱର ପୀଠର ସ୍ୱତନ୍ତ୍ର ଭୂମିକା ସ୍ୱୀକାର୍ଯ୍ୟ। ଓଡ଼ିଶାର ଅନ୍ୟତମ ଶୈବପୀଠ କପିଳାସ। ଏଠାରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ମନ୍ଦିରଟି ପୁରୀର ଗଜପତି ରାଜା ପ୍ରଥମ ନରସିଂହ ଦେବ ୧୨୫୨ – ୧୨୫୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିବା ଜଣାଯାଏ। କପିଳାସ ନିକଟବର୍ତ୍ତୀ ନାଗନାଥରେ ଓଡ଼ିଶାର ଶୈବରାଜାମାନେ ଏକ ଶୈବ ମନ୍ଦିର ନିର୍ମାଣ କରିଥିଲେ। କାରଣ ଏଠାରେ ବ୍ରାହ୍ମଣୀ ନଦୀ ଉତ୍ତରବାହିନୀ, ଏଠାରେ ସ୍ଥାପିତ ଶିବଙ୍କୁ ନାଗନାଥ ବୋଲି କୁହାଯାଏ। ଗବେଷକମାନଙ୍କ ମତରେ ନାଗନାର ଏହି ନାଗନାଥ ମୂର୍ତ୍ତିଟି କାଶୀ ବିଶ୍ୱନାଥଙ୍କ ସମସାମୟିକ, ପ୍ରାଚୀନ କାଳରେ ଏଠାରେ ଦାରୁକବନ ନାମରେ ଏକ ଅରଣ୍ୟ ଥିଲା। ଓଡ଼ିଶାର ଏହି ନାଗନାଥ ମନ୍ଦିର ବହୁ ପ୍ରାଚୀନ ଶୈବପୀଠ ଭାବରେ ଖ୍ୟାତ। ଏଠାରେ ସେହି ସମୟରେ ଅନ୍ନଭୋଗ ହେଉଥିଲା। ଖଜା, ପିଠା, ଡାଲି, ଅନ୍ନ, ଖିରି, ଖେଚେଡି, ନାଗନାଥଙ୍କଠାରେ ଲାଗି ହେଉଥିଲା। ଏହାକୁ କୁହାଯାଉଥିଲା ନିର୍ମାଲ୍ୟ। ଶାସକ ରାଜାମାନଙ୍କ ପୃଷ୍ଠପୋଷକତାରେ ଶୈବଧର୍ମ ଉପରୋକ୍ତ ସମୟରେ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ଅନ୍ୟ ଧର୍ମଗୁଡ଼ିକର ବିଲୁପ୍ତି ସାଧନ ହୋଇନଥିଲା। କେଶରୀ ବଂଶୀୟ ରାଜାମାନେ ଥିଲେ ଶିବ ଉପାସକ। ତଥାପି ଯଯାତି ଜଗନ୍ନାଥ ମନ୍ଦିର ନିର୍ମାଣ ଓ ଏହାର ପୂଜା ପଦ୍ଧତି ଅନୁସରଣ କରିବା ସହ ଅନ୍ୟ ଦେବଦେବୀମାନଙ୍କର ଉପାସନା ପ୍ରତି ଗୁରୁତ୍ୱ ଦେଉଥିଲେ। ସ୍ଥୂଳତଃ ଏହି ସମୟରେ ଶୈବ, ଶାକ୍ତ, ବୈଷ୍ଣବ, ଜୈନ ଓ ବୌଦ୍ଧ ଆଦି ସଂପ୍ରଦାୟ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ସଦ୍‌ଭାବ ଓ ଭ୍ରାତୃଭାବ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଶୈବଧର୍ମର ପ୍ରଭାବ ଥିଲା ବହୁ ଉଚ୍ଚରେ। ଏହି ରାଜାମାନଙ୍କ ରାଜୁତି କାଳରେ ଭୁବନେଶ୍ୱରର ଗୌରୀ ମନ୍ଦିର ଓ ପୁରୀର ମାର୍କଣ୍ଡେଶ୍ୱର ପୁଷ୍କରିଣୀ ନିକଟସ୍ଥ ସପ୍ତମାତୃକା ପ୍ରତିଷ୍ଠା ହୋଇଥିଲେ। ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରାଚୀନତା ଭୌମକରବଂଶ, ସୋମବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ଏହି ଶାସକମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ କରାଇଥିବା ଶିବ ମନ୍ଦିରଗୁଡ଼ିକ ଏହାର ପ୍ରମାଣ ବହନ କରନ୍ତି। ଓଡ଼ିଶାର ବହୁ ପ୍ରମୁଖ ଶିବ ମନ୍ଦିର ବା ଶୈବପୀଠ ମାନଙ୍କ ମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ, କଟକ ଜିଲ୍ଲା ଆଠଗଡ଼ର ଶ୍ରୀ ଧବଳେଶ୍ୱର, ଢ଼େଙ୍କାନାଳର କପିଳାସ, ଭଦ୍ରକର ଆରଡ଼ି, କୋରାପୁଟର ଗୁପ୍ତେଶ୍ୱର ଓ ଶ୍ରୀକ୍ଷେତ୍ରସ୍ଥିତ ବିଭିନ୍ନ ଶିବ ମନ୍ଦିର ଆଦି ଅନ୍ୟତମ। ଏହିସବୁ ଶୈବପୀଠର କାହାଣୀ କିମ୍ବଦନ୍ତୀ ଅତ୍ୟନ୍ତ ରୋଚକ ଓ ମନମୁଗ୍ଧକର। ଭୁବନେଶ୍ୱର ଲିଙ୍ଗରାଜଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱରର ସଂକ୍ଷିପ୍ତ ନାମ। ଏହାକୁ ଗୁପ୍ତକାଶୀ ବୋଲି କୁହାଯାଏ।

କଥିତ ଅଛି। ଏକାମ୍ର କ୍ଷେତ୍ର ଏକ ଊଣା ଲକ୍ଷେଶିବ ସ୍ଥାପିତ ହୋଇଛନ୍ତି। ସମୟକ୍ରମେ ବହୁ ମନ୍ଦିର ଧ୍ୱଂସ ପ୍ରାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏଠାରେ ତ୍ରିଭୁବନେଶ୍ୱର ବା ଲିଙ୍ଗରାଜ, ମୁକ୍ତେଶ୍ୱର, ସିଦ୍ଧେଶ୍ୱର, ଇନ୍ଦ୍ରେଶ୍ୱର, ପରଶୁରାମେଶ୍ୱର, କେଦାରେଶ୍ୱର, ସ୍ୱର୍ଣ୍ଣକଳେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର, ଉତ୍ତରେଶ୍ୱର, ସୂକ୍ଷ୍ମେଶ୍ୱର, ଭରତେଶ୍ୱର, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ଶିଶିରେଶ୍ୱର, କପିଳେଶ୍ୱର, ଚକ୍ରେଶ୍ୱର, ଭୀଷ୍ମେଶ୍ୱର, ପରମେଶ୍ୱର, ବରୁଣେଶ୍ୱର ଓ ବ୍ରହ୍ମେଶ୍ୱର ଆଦି ଶିବ ମନ୍ଦିର ଅକ୍ଷତ ଅବସ୍ଥାରେ ରହିଛନ୍ତି। ଅସଂଖ୍ୟ ଶିବଲିଙ୍ଗ ମଧ୍ୟରେ ତ୍ରିଭୁବନେଶ୍ୱର ସର୍ବଶ୍ରେଷ୍ଠ ହୋଇଥିବାରୁ ତାଙ୍କୁ ଲିଙ୍ଗରାଜ ବୋଲି କୁହାଯାଏ। ଲିଙ୍ଗରାଜ ମନ୍ଦିର ଦ୍ୱିତୀୟ ଯଯାତି (୧୦୨୦-୧୦୪୦)ଙ୍କ ସମୟରୁ ଆରମ୍ଭ ହୋଇ ସୋମବଂଶୀ ରାଜା ଉଦ୍ୟୋତ କେଶରୀ (୧୦୪୦-୧୦୬୫)ଙ୍କ ସମୟରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇଥିବା ଜଣାଯାଏ। ଭଦ୍ରକର ଆରଡ଼ିସ୍ଥିତ ଆଖଣ୍ଡଳମଣି ଶିବ ହେଉଛନ୍ତି ସ୍ୱୟମ୍ଭୁ ଲିଙ୍ଗ। ଶିବଙ୍କର ପ୍ରକାରଭେଦରେ ସ୍ୱୟମ୍ଭୁ ଲିଙ୍ଗ ବା ଜ୍ୟୋତିର୍ଲିଙ୍ଗ, ବାଣ ଲିଙ୍ଗ ଓ ଇତରଲିଙ୍ଗ। ଏଠାରେ ଆଖଣ୍ଡଳମଣିଙ୍କ ବିଶେଷତ୍ୱ ଏହା ପାଷାଣର ସର୍ବାଙ୍ଗ ଲିଙ୍ଗମୟ ଅସଂଖ୍ୟ ଲିଙ୍ଗର ସମାହାର। ଇନ୍ଦ୍ରଙ୍କ ଦ୍ୱାରା ସେ ପୂଜା ପାଇ ସୋମନାଥ ନାମ ଧାରଣ କଲେ। ସେହିପରି ଆରଡ଼ିର ମହାଦେବ ଇନ୍ଦ୍ରଙ୍କ ଦ୍ୱାରା ପୂଜାପାଇ ଆଖଣ୍ଡଳମଣି ନାମ ଧାରଣ କରିଥିବାର କିମ୍ବଦନ୍ତୀ ଶୁଣିବାକୁ ମିଳେ। ଆରଡ଼ିସ୍ଥିତ ଶିବଲିଙ୍ଗର ଉପରି ଭାଗ ଶହ ଶହ ବର୍ଷ ଘର୍ଷଣ ପରେ ବି ସେହିପରି ଅମସୃଣ ଓ ଅମଳିନ ହୋଇ ରହିଛନ୍ତି। ଅନେକଙ୍କ ମତରେ ଏହି ପଥରର କିଛି ବିଶେଷତ୍ୱ ରହିଛି। ଯାହାଫଳରେ କି ତାହା ସର୍ପର ବିଷକୁ ମଧ୍ୟ ପ୍ରଶମିତ କରୁଛି। ତେଣୁ କୁହାଯାଏ ସେହି ଘର୍ଷଣ ଓ ଚରଣୋଦକ ହିଁ ଅମୃତ। ଏଠାରେ ଲୋକମୁଖରେ ପ୍ରଚଳିତ ଅଛି – ବାବା ମଣିହେ ! ତୁମ ନାମ ଧରି ବିଷ ହୁଏ ପାଣି ହେ.. ପୁଣି ଆରଡ଼ିରେ ଗାରେଡ଼ି ନାହିଁ। କୋରାପୁଟ ଜିଲ୍ଲାର ଶୈବପୀଠ ଗୁପ୍ତେଶ୍ୱର କୌଣସି ନଗର ବା ଜନପଦରେ ଅବସ୍ଥିତ ନୁହେଁ। ଏହା ଶ୍ୱାପଦସଙ୍କୁଳ ଘୋର ବନାନୀ ପରିବେଷ୍ଟିତ ପ୍ରକୃତିର ମନୋରମ କୋଳରେ ବିଦ୍ୟମାନ। ଗୁପ୍ତେଶ୍ୱରଙ୍କ ଆବିର୍ଭାବ ସମ୍ପର୍କରେ କୌଣସି ବଳିଷ୍ଠ ଐତିହାସିକ ତଥ୍ୟ ମିଳେନାହିଁ। କେବଳ କିମ୍ବଦନ୍ତୀ ହିଁ ଏକମାତ୍ର ଆଶ୍ରୟ। ଲୋକମୁଖରୁ ଶୁଣାଯାଏ ତ୍ରେତୟା ଯୁଗରେ ରାମଚନ୍ଦ୍ର ବନବାସ ସମୟରେ ଏହିପଥ ଦେଇ ଅତିକ୍ରମ କରିଥିଲେ। ନିଜେ ଶିବଙ୍କର ଜଣେ ଶ୍ରଦ୍ଧାଳୁ ଭକ୍ତ ଥିବାରୁ ଏଠାରେ ସେ ଶିବଙ୍କର ମୂର୍ତ୍ତି ସ୍ଥାପନ କରିଥିଲେ। ସେହି ଶିବଲିଙ୍ଗଟି ଘୋର ଅରଣ୍ୟ ମଧ୍ୟରେ ଗୁପ୍ତ ଭାବରେ ଥିବାରୁ ସାଧାରଣ ଲୋକେ ତାଙ୍କ ପରିଚୟପ୍ରାପ୍ତ ହୋଇ ନଥିଲେ। କାଳକ୍ରମେ ସେହି ଲିଙ୍ଗଙ୍କ ଇଚ୍ଛାରୁ ଜନୈକ ଶବର ମାଧ୍ୟମରେ ଏହା ଲୋକ ଲୋଚନକୁ ଆସିପାରିଲା। ସାରଳା ମହାଭାରତରୁ ଜଣାଯାଏ ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରଥମେ ଥିଲା ଏକ ଶୈବ ପୀଠ। ଏଠାରେ ପ୍ରଥମେ ହର ପରେ ହରି। ଅଲାବୁକେଶର ବା ଶ୍ରୀଲୋକନାଥ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦ୍ୱାରା ପ୍ରତିଷ୍ଠିତ ବୋଲି କିମ୍ବଦନ୍ତୀ ରହିଛି। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଲୋକନାଥ ମନ୍ଦିରକୁ ଯାଆନ୍ତି। ସେଠାରେ ମଦନମୋହନଙ୍କର ସ୍ୱତନ୍ତ୍ର ପୂଜା ବିଧି ଅନୁସାରେ ଅନୁଷ୍ଠିତ ହୁଏ।




# ପରିବାର କଲ୍ୟାଣ ସଚେତନତା ରଥ ଶୁଭାରମ୍ଭ

ମାଲକାନଗିରି ,(ପି.ଏନ): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିବାର କଲ୍ୟାଣ ସଚେତନତା ରଥକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ଟାଙ୍ଗୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଆଜି ଠାରୁ ଅର୍ଥାତ ୧୧ ଜୁଲାଇରୁ ୨୫ ଜୁଲାଇ ପର୍ଯ୍ୟନ୍ତ ମାଲକାନଗିରି ସହର ସମେତ ଜିଲ୍ଲାର ୭ଟି ବ୍ଲକର ଜନସାଧାରଣଙ୍କୁ ପରିବାର ନିୟୋଜନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ବ୍ରଜବନ୍ଧୁ ଦାଶ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଭିବିଡି)ଡାକ୍ତର ଧନେଶ୍ୱର ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଇନ୍ଦିରା ପ୍ରଧାନ,ଏନଏଚ୍ଏମ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶ୍ରୀମତୀ ସସ୍ମିତା ସାହୁ ସହିତ ବିଭିନ୍ନ ବ୍ଲକ ରୁ ଆସିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଓ ଆଶାମାନେ ଉପସ୍ଥିତ ଥିଲେ ।



# ରୋଟାରୀ ଇଲାଟ କ୍ଲବର ୧୨ ବର୍ଷ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ବଲାଙ୍ଗିର ରୋଟାରୀ ଇଲାଟ କ୍ଲବ ପକ୍ଷରୁ ୧୨ ବର୍ଷର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ମୂଖ୍ୟ ଅତିଥି ଭାବରେ ବଲାଙ୍ଗିର ସୁବର୍ଣ୍ଣପୁର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ସମ୍ମାନୀତ ଅତିଥି ଭାବରେ ଛତିଶଗଡ ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ଜଙ୍ଗଲ ବିଭାଗ ଅଧିକାରୀ ପୂର୍ବତନ ଗଭର୍ଣ୍ଣର ରୋଟାରୀଏନ ରାକେଶ ଚର୍ତୁବେଦୀ ଓ ଅନ୍ୟତମ ଅତିଥି ଭାବରେ ରୋଟାରୀ ସହକାରୀ ଗଭର୍ଣ୍ଣର ପ୍ରକାଶ କର, ସଭାପତି ରିଙ୍କୁ ପାତ୍ର ମଂଚାସିନ ଥିଲେ । ସଭାପତି ଶ୍ରୀ ପାତ୍ର ବିଗତ ଏକ ବର୍ଷର କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଆଜିର ଏହି ୧୨ ବର୍ଷର ପ୍ରତିଷ୍ଠା ଦିବସ ଅବସରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ନୂତନ ସଭାପତି ଭାବରେ ରୋଟାରୀଏନ ବିଶ୍ୱଜିତ ଦାଶ ଓ ସାଧାରଣ ସମ୍ପାଦକ ଦୀପିକା ପାଣିଗ୍ରହୀ ଦାୟିତ୍ୱ ଗ୍ରହଣ କରି ମଂଚାସିନ ହୋଇଥିଲେ । ଏହି ସଂଘ ଆଗକୁ ସମାଜସେବା କ୍ଷେତ୍ରରେ କାହାକୁ ଖାତିର ନ କରି ଆଗକୁ ଆଗକୁ ସାମାଜିକ କାମରେ ଏକ ନୂତନ ପଦ ଚିହ୍ନ ପକାଇ ଇତିହାସ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ । ରୋଟାରି ଇଲିଟର ପକ୍ଷରୁ ଚାଲିଥିବା ଉଡାନ କାର୍ଯ୍ୟକ୍ରମରେ ଗରିବ ଶ୍ରଣୀର ଝିଅମାନଙ୍କୁ ନେଇ ଶିକ୍ଷାଦାଦ କରି ସାମଜରେ ନାରୀ ଶକ୍ତିକୁ ଏକ ଶିକ୍ଷିତ ସମାଜ ଭାବରେ ନୂତନ ଦିଗଦର୍ଶନ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଲେ ଗଭର୍ଣ୍ଣର ରୋଟାରୀଏନ ରାକେଶ ଚର୍ତୁବେଦୀ । ଅନ୍ୟପକ୍ଷରେ ସମାଜ ପାଇଁ ଏହି ରୋଟାରୀ ଇଲାଇଟ ଏକ ଜଳନ୍ତ ଉଧାହରଣ ଦେଇ ଏହି ଅନୁଷ୍ଠାନରେ ଅନେକ ମହିଳା ଆଗକୁ ଆସି ଅନେକ ସମାଜ ସେବା କ୍ଷତ୍ରରେ କାମ କରିଆସୁଛନ୍ତି ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍ର ନିଶାନର ଗ୍ଲୋବାଲ ଏସ୍ୟୁଭି ଡିଏନ୍ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍ରେ ଉପଲବ୍ଧ ହେଉଛି। ଏହି କାର୍ରେ ସବୁଠାରୁ ପତଳା ହେଡ୍ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍ସ (ଡିଆର୍ଏଲ୍) ଓ ଡୋମିନେଟିଙ୍ଗ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍ଚର ଡବଲ ଡେକ୍ କନ୍ସୋଲ ଏହି କାର୍କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ଥ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍ନୋ ପେ କୋଇ ଲକ୍ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ଥ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଁଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍ଆଇ), ଏସ୍ସିଏଡିଏ ଏବଂ ଇଠକ୍ଷପ୍ଥ;ରନେଟ ଅଫ୍ ଥିଙ୍ଗ୍ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ବେକରେ ଫାଶୀ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ମାଲକାନଗିରି,(ପି.ଏନ): ବେକରେ ଫାଶୀ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା । କାରଣ ଅସ୍ପଷ୍ଟ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦରମହକୁମା ବିବିଗୁଡ଼ା କଲୋନୀ ଠାରେ। ଡି. ଜଗମୋହନ ରାଓ ନାମକ ଜଣେ ୬୩ ବର୍ଷୀୟ ବୃଦ୍ଧ। ନିଜେ ବସବାସ କରୁଥିବା ଘର ଭିତରେ ବେକରେ ରଶି ଲଗାଇ ମୃତ୍ୟୁ ବରଣ କରିଛନ୍ତି। ତେବେ ବୃଦ୍ଧ ଜଣକ ଏଭଳି କାଣ୍ଡ ଘଟାଇବା ସମୟରେ ପରିବାର ଲୋକେ ପାଖରେ ନଥିଲେ। ତେବେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




# ଭାରତ ଯୋଡ ଯାତ୍ରା ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସର ସର୍ବଧର୍ମ ପ୍ରାର୍ଥନା ସଭା

ରାଉରକେଲା (ପିଏନ୍): ଭାରତ ଯୋଡ ଯାତ୍ରାର ଶୁଭାରମ୍ଭ ପରିପ୍ରେକ୍ଷୀରେ ଗତ ୭ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ଅଖିଳ ପାଣି ଉପସ୍ଥିତ ରହି ଗୀତା ପାଠ କରିଥିବା ବେଳେ ମୌଲାନା ଇମ୍ରାନ ଆଲମ ଉପସ୍ଥିତ ରହି କୋରନା ପାଠ କରିଥିଲେ । ସେହିପରି ଗୁରୁ ହରବଚନ ସିଂହ ଗୁରୁବାଣୀ ପାଠ କରିଥିବା ବେଳେ ଲଳିତ କୁଜୂର ବାଇବେଲ୍ ପାଠ କରି ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ । ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶରେ ଚାଲିଥିବା କୁଶାସନ ଓ ଜାତି, ଧର୍ମ, ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସୃଷ୍ଟି କରି ଯେଉଁ ବିଭାଜନ ରାଜନୀତି ଚାଲିଛି ସେ ବାବଦରେ ଜନସଚେତନତା ସୃଷ୍ଟି କରିବା ପାଇଁ କଂଗ୍ରେସର ସର୍ବମାନ୍ୟ ନେତା ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀଠାରୁ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି । ପ୍ରାୟ ୩ ହଜାର ୫ କିଲୋମିଟରରୁ ଅଧିକ ପଥ ଅତିକ୍ରମ କରି କାଶ୍ମୀରରେ ସମ୍ପନ୍ନ ହେବାକୁ ଥିବା ଏହି ପଦଯାତ୍ରାର ପ୍ରାର୍ଥନା ସଭାରେ ସଫଳତା କାମନା କରାଯାଇଥିଲା । ପ୍ରାର୍ଥନା ସଭା ପରେ କନ୍ୟାକୁମାରୀଠାରେ ଆରମ୍ଭ ହୋଇଥିବା ପଦଯାତ୍ରା କାର୍ଯ୍ୟକ୍ରମର ଜୀବନ୍ତ ପ୍ରସାରଣ ପ୍ରୋଜେକ୍ଟର ଜରିଆରେ ସଭାସ୍ଥଳରେ ପ୍ରଦର୍ଶନ କରାଯାଇଥିଲା । ବାସନ୍ତୀ ନଗର ବାଜିରାଉତ ଛକଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉକ୍ତ ଅଞ୍ଚଳର ଶହ ଶହ ଲୋକ ଉପସ୍ଥିତ ରହି ଦେଖିଥିବା ବେଳେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଉପସଭାପତି କୀର୍ତ୍ତନ ଦାସ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସିର ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ଧୁସା ନାୟକ ଓ ରଘୁନାଥ ଦାସ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଓ ସରୋଜ ଲେଙ୍କା, ପୂର୍ବତନ ସାଧାରଣ ସମ୍ପାଦକ ବନମାଳୀ ବିଶୋୟୀ, ପୂର୍ବତନ ଚେୟାରମ୍ୟାନ ସୁଶୀଲ କିଣ୍ଡୋ, ସମ୍ପାଦକ ଅମ୍ରିତ କୌର, ଧର୍ମେନ୍ଦ୍ର ପରମାର, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଇନ୍ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନା ସାହୁ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, ବସନ୍ତ ସାମଲ, ସାକିର ହୁସେନ, ବିଶ୍ୱଭୂଷଣ ସର, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ଓ ବିନୋଦ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରେହେମାନ ଖାନ, ଦିଲ୍ଲୀପ ଜେନା, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଶରତ ପାଢୀ, ବାବୁଲା ମହାପାତ୍ର, ମଣ୍ଟୁ ଭଟ୍ଟ, ମାନୁ ସାମଲ, ସୁଧୀର ଚୌହାନ, ରବୀନ୍ଦ୍ର ମଲ୍ଲିକ, ବ୍ରଜେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଡି.ଏ.ଭି କଳିଙ୍ଗ ନଗରଠାରେ ତ୍ରିସ୍ତରୀୟ କୋଭିଡ ଟୀକାକରଣ କାର୍ଯ୍ୟକ୍ରମ ସମାହିତ




ଭୁବନେଶ୍ୱର (ପିଏନ୍)-ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟଧରି କରୋନା କୋପରେ ଅସ୍ତବ୍ୟସ୍ତ ଜନଜୀବନ ଧୀରେ ଧୀରେ ସ୍ୱାଭାବିକ ହୋଇଆସୁଥିବା ସମୟରେ ସବୁଠାରୁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ବ୍ୟବସ୍ଥାରେ ଆଉ କିଛି ବାଧା ନ ଉପୁଜିବା ଲକ୍ଷ୍ୟ ନେଇ ଡି.ଏ.ଭି କଳିଙ୍ଗ ନଗରଠାରେ ଏକ ତ୍ରିସ୍ତରୀୟ କୋଭିଡ ଟୀକାକରଣ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ସମସ୍ତଙ୍କୁ ଟୀକାକରଣ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟ ତରଫରୁ ପ୍ରଥମ ପର୍ଯ୍ୟାୟରେ ୧୨ରୁ ୧୪ ବର୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଡୋଜ୍, ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗଙ୍କ ପାଇଁ ବୁଷ୍ଟର ଡୋଜ୍ ଓ ୧୫ରୁ ୧୮ ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଦ୍ୱିତୀୟ ଡୋଜ ତଥା ତୃତୀୟ ଏବଂ ଶେଷ ପର୍ଯ୍ୟାୟରେ ୧୨ରୁ ୧୪ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱିତୀୟ ଡୋଜ ଆୟୋଜନ କରାଯାଇ ୩୫୦ରୁ ଊର୍ଦ୍ଧ୍ୱ ଟୀକାକରଣ କରାଯାଇଥିଲା। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଜାତୀୟ ହେଲ୍‌ଥ ମିଶନ ଆନୁକୂଲ୍ୟରେ ଟି.ସି.ଆଇ ଫାଉଣ୍ଡେସନ୍ ଓ ଘାଟିକିଆ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଏହି ତିନି ପର୍ଯ୍ୟାୟ ଟୀକାକରଣ ସୂଚାରୁରୂପେ ସମ୍ପାଦିତ ହୋଇଥିଲା। ଡ. ଶୁଭଲକ୍ଷ୍ମୀ ବଳ ଓ ଡ. ଅରମାନ ନସିମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୀକାକରଣ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ନାୟକ, ସ୍ମୃତିଲିପି ପଣ୍ଡା ଓ ତେଜସ୍ମିତା ନାୟକ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଏହି ମହତ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ଗଠିତ କୋଭିଡ୍ ମନିଟରିଙ୍ଗ୍ ଟିମ୍‌ଦ୍ୱାରା କାର୍ଯ୍ୟକ୍ରମର ସଫଳ ପରିଚାଳନା କରାଯାଇଥିଲା।

# ମା', ମାଟି, ମାତୃଭାଷାର ସମର୍ପିତ ବ୍ୟକ୍ତିତ୍ୱ ଥିଲେ ଗୋବିନ୍ଦ ମାହୁନ୍ତ



ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଭାଷା ଯୋଦ୍ଧା, ଓଡ଼ିଆ ସାହତ୍ୟ, ସଂସ୍କୃତିପ୍ରେମୀ, ସମାଜସେବୀ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମାହୁନ୍ତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସମ୍ବାଦ'ର ସମ୍ପାଦକ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଧାୟକ ତଥା ଅଭିମନ୍ୟୁ ସ୍ମୃତି ସଂସଦର ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ, ବିଶିଷ୍ଟ ବାଗ୍ମୀ, ସଂସ୍କୃତି ପୁରୁଷ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ କୃଷ୍ଣକେଶବ ଷଡ଼ଙ୍ଗୀ, ଅଭିମନ୍ୟୁ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଖତୁ ଚରଣ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ଗୋବିନ୍ଦ ବାବୁ ମା', ମାଟି, ମାତୃଭାଷାର ସମର୍ପିତ ବ୍ୟକ୍ତିତ୍ୱ ଭାବରେ ତାଙ୍କ କାର୍ଯ୍ୟଧାରା ଆଜି ବି ପ୍ରାସଙ୍ଗିକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଯୋଜନା ବରିଷ୍ଠ ସାମ୍ବାଦିକ, ଅଧ୍ୟକ୍ଷ ପୂଜ୍ୟ ପୂଜା ସଂସ୍କୃତି ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଲେ ଯେ, ଏକାଧାରରେ ସ୍ୱର୍ଗତ ମାହୁନ୍ତ ଥିଲେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ସମାଜସେବା ଓ ପୂଜ୍ୟପୂଜାର ମହାନ୍ କାଣ୍ଡାରୀ। ମଣିଷକୁ ଭଲ ପାଇବା ସହିତ ଗୋପବନ୍ଧୁଙ୍କ କର୍ମ ଓ ଶରୀର ସହିତ ତାଙ୍କ ସାମଞ୍ଜସ୍ୟ ରହୁଥିବାରୁ ଗୋପବନ୍ଧୁଙ୍କ ନାମରେ ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହେବା ଓ ଗୋପବନ୍ଧୁଙ୍କ ଆଦର୍ଶରେ ସର୍ବଦା ଅନୁପ୍ରାଣିତ ହୋଇ ଅବିରତ ଭାବରେ କାମ କରିଚାଲିଥିଲେ। ଜଣେ ମିଷ୍ଟଭାଷୀ, ନିଷ୍ଠାପର କର୍ମଯୋଗୀ, ସରଳ, ଅମାୟିକ ଭାଷାବିତ୍ ଭାବେ ତାଙ୍କର ଅବଦାନ ଅତୁଳନୀୟ ତଥା ଅହଙ୍କାର ବିବର୍ଜିତ ବ୍ୟକ୍ତିତ୍ୱ ଭାବେ ସେ ବେଶ୍ ଜଣାଶୁଣା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋବିନ୍ଦ ବାବୁଙ୍କ ସ୍ମରଣରେ ଏକ ସ୍ମରଣିକା 'ସ୍ମୃତି ଅର୍ଘ୍ୟ' ଲୋକାର୍ପିତ ହେବା ସହିତ ତାଙ୍କ ସ୍ମୃତି ଏବଂ ତାଙ୍କ ସୁପୁତ୍ର ଦେବବ୍ରତଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଭିନ୍ନ ପ୍ରକାର ସମାଜସେବା ମୂଳକ କାର୍ଯ୍ୟକ୍ରମ ତାଙ୍କ ସ୍ମୃତିରେ କରାଯିବ ବୋଲି ମତ ବ୍ୟକ୍ତ କରାଯାଇଥିଲା। ଉକ୍ତ ସ୍ମୃତିଚାରଣ ସଭାରେ ସାରସ୍ୱତ ପ୍ରତିଭାଧାରୀ ଲକ୍ଷ୍ମୀଧର ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ବିଜୟ ପରିଡ଼ା, ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଓଝା, ବି. ମୁରଲୀଧର ପ୍ରମୁଖ ଗୋବିନ୍ଦପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଦେବାଶିଷ ପରିଡ଼ା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥାରେ 'ବସନ୍ତ ଦିବସ ପାଳନ'



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପୂର୍ବତନ ସଭାପତି ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସକୁ 'ବସନ୍ତ ଦିବସ' ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଶାନ୍ତି ବାର୍ତ୍ତା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇ ସେହି ମହାନ ବ୍ୟକ୍ତିତ୍ୱର ସ୍ମୃତ୍ୟାର୍ଥେ ବିଭିନ୍ନ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩୦ ଜଣଙ୍କୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସ୍କାଉଟିଂର ଉନ୍ନତି ଲାଗି 'ବସନ୍ତ ବିଶ୍ୱାଳ ସମ୍ମାନ' ଓଡିଶା ବିଧାନସଭା ସଚିବ ଶ୍ରୀଯୁକ୍ତ ଦାଶରଥୀ ଶତପଥୀ, ଆଇଏଏସ୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉପସ୍ଥିତ ସଭ୍ୟ ସଭ୍ୟାମାନେ ସ୍ୱର୍ଗତଃ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ରାଜ୍ୟ ଗାଇଡ୍ ସଂଗଠନ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ସଭା ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ କୁମାର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ "ବସନ୍ତ ବିଶ୍ୱାଳ ସମ୍ମାନ" ପାଇଥିବା ସମସ୍ତଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ଗ୍ରାମର ବ୍ୟବସାୟୀ ସୁଧାଂଶୁ ଶେଖର ରାୟ (୪୮)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଅଳି, ଏକମାତ୍ର ଝିଅ ସୋମା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବର ପାଇ କର୍ଣ୍ଣେଲ ମନୋଜ କୁମାର ରାଉତ, ସହକାରୀ ଜିଲ୍ଲାପାଳ ସଂଜୀବ କୁମାର ରାୟ, ଅଧ୍ୟାପକ ଡ. ସଂଜୟ କୁମାର ରାୟ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ହିମାଂଶୁ ଶେଖର ରାୟ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୀତାଂଶୁ ଶେଖର ରାୟ, ଶୁଭ୍ରାଂଶୁ ଶେଖର ରାୟଙ୍କ ସମେତ ବହୁ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁତୁରା ଅଂଶୁମାନ ମୁଖାଗ୍ନି ଦେଇଥିଲେ।

# ଅତିବଡୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଓ ପୁସ୍ତକ ଲୋକାର୍ପଣ ଉତ୍ସବ




ଧର୍ମଶାଳା (ପିଏନ୍): ଅତିବଡି ଜଗନ୍ନାଥ ଦାସ ଓଡିଆ ସାହିତ୍ୟର କଳ୍ପ ପୁରୁଷ । ଭାଗବତ ଓଡିଆମାନଙ୍କ ଶ୍ରେଷ୍ଠ ଗ୍ରନ୍ଥ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଓ ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ ସାମାରୋହ ଜାରକାସ୍ଥିତ ସମ୍ରାଟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ଅତିବଡି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତ ଓଡିଆ ଲୋକମାନଙ୍କର ଗୀତା ସଦୃଶ୍ୟ ଓ ମାର୍ଗ ଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଉପସଭାପତି ତଥା ରେଭେନ୍‌ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ସ୍ମରପ୍ରିୟା ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର ଓ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇ ବହିଟିଏ ଭଗବାନ ପାଲଟିଯାଏ । ଉଦାହରଣ ସ୍ୱରୁପ ଭାଗବତ ଗ୍ରନ୍ଥ ପ୍ରତିଟି ଓଡିଆର ପ୍ରାଣତନ୍ତ୍ରୀରେ ଗୁଂଜରିତ ହୋଇଥାଏ । ଭାଗବତକାର ଅତିବଡି ଜଗନ୍ନାଥ ଦାସ ତାହାହିଁ କରିଥିଲେ ବୋଲି ଭାଗବତ ଗାଦିରେ ଭାଗବତ ସପ୍ତାହ ପାଳନ କରାଯାଉଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତ ବିଷୟରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଗାଳ୍ପିକ ଅର୍ଜୁନ ପୃଷ୍ଟି ଆଲୋକପାତ କରିଥିଲେ । ସୁଶ୍ରୀ ତପସ୍ୱିନୀ ନାୟକ ଓ ସୁଶ୍ରୀ ସାଗରିକା ନାୟକ ସ୍ୱରସ୍ୱତୀ ବନ୍ଦନା କରିଥିଲେ । ଏହି ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଦିଗ ଓ ଦିଗନ୍ତ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଅରବିନ୍ଦ ଦାସ ମଂଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦୀଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମାଟି ଉଠିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ପବିତ୍ର ସୁନିଆ ଅବସରରେ ମା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତି ଲାଗି ଆଜି ବ୍ରାହ୍ମଣୀ ନଦୀରୁ ମାଟି ଉଠାଣ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କମିଟି ପକ୍ଷରୁ ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହ ସମ୍ପାଦକ ଆନନ୍ଦ ବିହାରୀ ନାୟକ, ସଦସ୍ୟ କିଶୋର ଚନ୍ଦ୍ର ନାୟକ, ରାମଚନ୍ଦ୍ର ମଲିକ, କ୍ଷୀରୋଦ ମୁଦୁଲି, ଅର୍ଜୁନି ଚରଣ ସାହୁ, ହାଡିବନ୍ଧୁ ନାୟକ, ବିଳାଶ ଜେନା, ଅନନ୍ତ ପ୍ରଧାନ ଓ କାଶୀନାଥ ସାହୁ ପ୍ରମୁଖ ଏହି ମାଟି ଉଠାଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠଠାରେ ପୂଜକ ପ୍ରମୋଦ କୁମାର ପାଢୀ ପୂଜାର୍ଚ୍ଚନା କରିଥିବାବେଳେ କର୍ତା ସୁଦୀପ୍ତ ସ୍ୱାଇଁ ଓ ଉପକର୍ତା ଅନିରୁଦ୍ଧ ରାଉତ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହେଉଥିବାବେଳେ ୫ ତାରିଖରେ ଦଶହରା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ଗଣେଶଙ୍କ ଭସାଣି ଉତ୍ସବ

ଧର୍ମଶାଳା (ପିଏନ୍): ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଂଚଦିନ ଧରି ଗଜାନନଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟେହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ପୂଜାକୁ ଗଣେଶ ପୂଜା କମିଟିର କର୍ମକର୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ। ଏକ ଶୋଭାଯାତ୍ରାରେ ବିଘ୍ନ ବିନାଶନଙ୍କୁ ଜାରକା ବଜାର ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲ।

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ




ଧର୍ମଶାଳା (ପିଏନ୍): ନୂଆଦିଲ୍ଲୀର କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯିବାପରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଅଭିନନ୍ଦନ ଜଣାଯାଇଛି । ଦିଲ୍ଲୀଠାରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏନଭି ରମନ୍ନା ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସେହିପରି ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲ୍ଲିକଙ୍କ ନେତୃତ୍ୱରେ ଜାରକା ତ୍ରୀନାଥ ମନ୍ଦିରରେ ଦୀପଦାନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଥିଲେ। ସାରା ଧର୍ମଶାଳାବାସୀଙ୍କ ମନରେ ଆନନ୍ଦଉଲ୍ଲାସ ଖେଳିଯିବା ସହିତ ବିଜୁ ଯୁବ ଜନତା ଦଳ ଏବଂ ଗାର୍ଲସ ୱିଙ୍ଗର କର୍ମକର୍ତ୍ତାମାନେ ଏହି ସମ୍ମାନିତ ଉତ୍ସବକୁ ପାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ବିଜେଡିର ସମସ୍ତ କର୍ମକର୍ତ୍ତା ଏବଂ ଗାର୍ଲସ ୱିଙ୍ଗ୍‌ର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

# କବି ତୁହିନାଂଶୁ ରଥଙ୍କୁ କୃଷ୍ଣ ଚରଣ କାବ୍ୟ ପୁରସ୍କାର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁର କଲେଜ ପ୍ରାଧ୍ୟାପକ ତଥା କବି ଡ. ତୁହିନାଂଶୁ ରଥଙ୍କୁ ଓଡିଶା ଗବେଷଣା ପରିଷଦ ପକ୍ଷରୁ କୃଷ୍ଣ ଚରଣ କାବ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି ସୁଧିର ଚନ୍ଦ୍ର ବେହୁରାଙ୍କ ପୌରୋହିତ୍ୟରେ କଟକ ଶ୍ରୀରମ ଚନ୍ଦ୍ର ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱ ବିଦ୍ୟାଳୟର ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବିଭାଗ ପୂର୍ବତନ ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଯୋଗଦେଇ କବି ଡ. ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ସମ୍ପାଦକ ପ୍ରଫେସର ଅଜୟ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ। କୃଷ୍ଣ ଚରଣ କାବ୍ୟ ପୁରସ୍କାରପ୍ରାପ୍ତ ଡ. ରଥଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସଭାପତି ସମ୍ପାଦକ ଓ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# ଭାରତରେ ଅଣ-ସଂକ୍ରାମକ ରୋଗଗୁଡ଼ିକର ବୃଦ୍ଧି



ଭୁବନେଶ୍ୱର,(ପି.ଏନ) : ଭାରତର ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୨୦ ବର୍ଷରୁ ଅଧିକ ବୟସର ସହରର ୩୩,୫୩୭ ଜଣ ଲୋକ ଏବଂ ଗ୍ରାମଂଚଳର ୭୯୫୦୬ ଜଣ ଲୋକଙ୍କଠାରେ କରାଯାଇଥିବା ଏକ କ୍ରସ୍-ସେକ୍ସନାଲ ଓ ଜନସଂଖ୍ୟା ଆଧାରିତ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଭାରତରେ ମଧୁମେହ, ଉଚ୍ଚ ରକ୍ତଚାପ, ମେଦବହୁଳତା ଓ ଡିସ୍ଲିପିଡେମିଆ ଭଳି ଅଣ-ସଂକ୍ରାମକ ରୋଗଗୁଡିକ (ଏନ୍‌ସିଡି)ର ଏକ ବୃହତ୍ ବୋଝ ରହିଛି। ତେବେ ବିଶେଷଜ୍ଞମାନେ ସହମତ ହୋଇଛନ୍ତି ଯେ, ସୁସ୍ଥ ଜୀବନଶୈଳୀ ଆପଣାଇ, ନିୟମିତ ଶାରିରୀକ ବ୍ୟାୟାମ କରି ଏବଂ ନିଜର ଖାଦ୍ୟପେୟ ଅଭ୍ୟାସରେ ସୁଧାର ଆଣି ଏନ୍‌ସିଡିଗୁଡିକୁ ବହୁମାତ୍ରାରେ ରୋକାଯାଇପାରିବ ଓ ନିୟନ୍ତ୍ରଣ କରାଯାଇପାରିବ। ଏନ୍‌ସିଡି ବିରୋଧରେ ଏହି ଲଢେଇରେ ଏକ ସୁ-ସନ୍ତୁଳିତ ଆହାରର ଗୁରୁତ୍ୱକୁ ଅଣଦେଖା କରାଯାଇପାରିବ ନାହିଁ। ଏଚ୍‌ଏଫ୍‌ଏସ୍‌ଏସ୍ (ହାଇ ଫ୍ୟାଟ୍, ସଲ୍ଟ ଓ ସୁଗାର) ଖାଦ୍ୟ ପରିବର୍ତେ ପୋଷଣଯୁକ୍ତ ଓ ପ୍ରାକୃତିକ ଖାଦ୍ୟ ଆପଣଙ୍କର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଏକ ଚମତ୍କାର ମାଧ୍ୟମ ହୋଇପାରିବ। ଆଲ୍‌ମଣ୍ଡ ଏଭଳି ଏକ ଖାଦ୍ୟ ଅଟେ ଯେଉଁଥିରେ ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଅପାର କ୍ଷମତା ରହିଛି।ଆଲ୍‌ମଣ୍ଡ ସୁସ୍ଥ ଫ୍ୟାଟ୍, ଡାଏଟାରୀ ଫାଇବର, ପ୍ରୋଟିନ୍, ଭିଟାମିନ୍ ଇ, ଜିଙ୍କ, କପର୍, ମ୍ୟାଗ୍ନେସିୟମ, କ୍ୟାଲ୍‌ସିୟମ ଓ ଫସ୍‌ଫରସ୍ ଭଳି ୧୫ଟି ଗୁରୁତ୍ୱପୂର୍ଣ୍ଣ ପୋଷଣତତ୍ୱର ଏକ ପ୍ରାକୃତିକ ଉତ୍ସ ଅଟେ। ଏକାଧିକ ଅନୁସନ୍ଧାନମୂଳକ ଅଧ୍ୟୟନ ସୂଚିତ କରିଛନ୍ତି ଯେ, ଏକ ସୁସନ୍ତୁଳିତ ଆହାରରେ ଆଲ୍‌ମଣ୍ଡକୁ ସାମିଲ କରିବା ଦ୍ୱାରା ତାହା କାର୍ଡିଓଭାସ୍କୁଲାର ବା ହୃଦୟ ସ୍ୱାସ୍ଥ୍ୟ, କୋଲେଷ୍ଟ୍ରଲ୍ ହ୍ରାସ କରିବା, ରକ୍ତଚାପ ଓ ଓଜନ ପରିଚାଳନା ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। ଏହାବ୍ୟତୀତ ଆଲ୍‌ମଣ୍ଡରେ ସନ୍ତୁଷ୍ଟ କରିବାର ଗୁଣ ରହିଛି ଯାହା ପେଟ ଭରି ରହିବା ଓ ବାରମ୍ବାର ଭୋକ ନଲାଗିବାର ଅନୁଭୂତିକୁ ପ୍ରୋତ୍ସାହିତ କରିଥାଏ, ଯାହା ଭୋଜନ ମଧ୍ୟରେ ଭୋକକୁ ପରିଚାଳନା କରିବା ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ପାଇଁ କ୍ରେଭିଙ୍ଗ୍‌ସକୁ ଦୂରେଇ ରଖିବାରେ ସାହାଯ୍ୟ କରିପାରେ।ମ୍ୟାକ୍ସ ହେଲ୍‌ଥକେୟାର୍, ଦିଲ୍ଲୀର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, 'ମୁଁ ବିଶ୍ୱାସ କରେ ଯେ, ଅଣ-ସଂକ୍ରାମକ ରୋଗଗୁଡିକର ବୋଝକୁ ହ୍ରାସ କରିବା ପାଇଁ ପ୍ରତିରୋଧ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଆମର ଜୀବନଶୈଳୀ ଅଭ୍ୟାସଗୁଡିକୁ ଉପଯୋଗୀ କରିବାକୁ ଗୁରୁତ୍ୱପୂର୍ଣ୍ଣ କରୁଛି। ତେଣୁ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଖାଦ୍ୟରେ ଆଲ୍‌ମଣ୍ଡ ଭଳି ପ୍ରାକୃତିକ ଓ ପୋଷଣଯୁକ୍ତ ଖାଦ୍ୟଗୁଡିକୁ ଅନ୍ତର୍ଭୁକ୍ତ କରିବା ଭଳି ସ୍ୱାସ୍ଥ୍ୟକର ନିଷ୍ପତି ଗ୍ରହଣ କରି ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରାଥମିକତା ଦେବା ପାଇଁ ପ୍ରତିଜ୍ଞା କରିବାକୁ ଅନୁରୋଧ କରୁଛି। ଆଲ୍‌ମଣ୍ଡ ଏକ ପୋଷଣରେ ଭରପୂର ଖାଦ୍ୟ ଅଟେ ଯାହା ହୃଦ୍‌ରୋଗ, ମଧୁମେହ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାଗୁଡିକର ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଏହା ଭିଟାମିନ୍ ଇ, ପ୍ରୋଟିନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ଓ ଫସ୍‌ଫରସ୍ ଭଳି ବିଭିନ୍ନ ପୋଷଣରେ ସମୃଦ୍ଧ ଅଟେ ଯାହାକି ଶରୀରର ବିକାଶ ପାଇଁ ଆବଶ୍ୟକ ହୋଇଥାଏ। ଜର୍ଣ୍ଣାଲ ନ୍ୟୁଟ୍ରିଏଂଟ୍‌ସରେ ପ୍ରକାଶିତ ଭାରତୀୟ ପୋଷଣ ଓ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କ ଏକ ପ୍ୟାନେଲର ସମୀକ୍ଷାରେ ଦର୍ଶାଯାଇଛି ଯେ, ଏକ ସ୍ୱାସ୍ଥ୍ୟକର ଆହାରର ଅଂଶ ଭାବେ ପ୍ରତିଦିନ ଖାଦ୍ୟରେ ଆଲ୍‌ମଣ୍ଡକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ତାହା ଭାରତୀୟଙ୍କ ମଧ୍ୟରେ ହୃଦ୍‌ରୋଗ ପାଇଁ ଅନ୍ୟତମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରିସ୍କ ଫ୍ୟାକ୍ଟର ଡିସ୍ଲିପିଡେମିଆକୁ ହ୍ରାସ କରିବାରେ ସାହାଯ୍ୟ କରିପାରିଥାଏ।'

## ପରିବାର କଲ୍ୟାଣ ସଚେତନତା ରଥ ଶୁଭାରମ୍ଭ

ମାଲକାନଗିରି ,(ପି.ଏନ): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିବାର କଲ୍ୟାଣ ସଚେତନତା ରଥକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚ଼ନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଆଜି ଠାରୁ ଅର୍ଥାତ ୧୧ ଜୁଲାଇରୁ ୨୫ ଜୁଲାଇ ପର୍ଯ୍ୟନ୍ତ ମାଲକାନଗିରି ସହର ସମେତ ଜିଲ୍ଲାର ୭ଟି ବ୍ଲକର ଜନସାଧାରଣଙ୍କୁ ପରିବାର ନିୟୋଜନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି।

# କଥା ଦେଇ କଥା ରଖିଲେ ନଗରପାଳ



ନୁଆପଡା,(ପି.ଏନ): ଆଜି ନୁଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମହମ୍ମଦ ଆଦାମ୍ ନୁଆପଡା ଉପ କାରାଗାର ପରିଦର୍ଶନରେ ଯାଇଥିଲେ।କାରାଗାର ରେ ଥିବା ବିଭିନ୍ନ ସମସ୍ୟାକୁ କାରାଗାର ଅଧକ୍ଷ ଦୁର୍ବାଦଳ ମେହେର୍‌ଙ୍କ ସହ ଆଲୋଚ଼ନା କରି ଆଗାମି ଦିନରେ ଏହାର ସମାଧାନ ଦିଗରେ ଦୃଷ୍ଟି ଦେବେ ବୋଲି କଥା ଦେଇଥିଲେ।ଆଲୋଚ଼ନା ସମୟରେ ଅନ୍ତେବାସୀ ମାନେ ତାଙ୍କର ମନୋରଞ୍ଜନ ପାଇଁ କେରମ୍ ଓ ଲୁଡୋ ବୋର୍ଡ୍ ପାଇଁ ଅନୁରୋଧ ରଖିଥିଲେ।ନଗରପାଳ ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ ସଙ୍ଗେସଙ୍ଗେ ଦୁଇଟି କ୍ୟାରମ୍ ବୋର୍ଡ୍ ଓ ଲୁଡୋ ବୋର୍ଡ୍ ଉପହାର ସ୍ୱରୁପ ପ୍ରଦାନ କରିଥିଲେ। କଥାରଖିଥିବାରୁ ସମସ୍ତ ଅନ୍ତେବାସୀ ଖୁସି ହେଇଥିଲେ।ନଗରପାଳଙ୍କ ସହ କାଉନସିଲର୍ ମଳୟ ରଞ୍ଜନ ମଣ୍ଡଳ,ଥାନେଶ୍ୱର ସୁନା,ବିମଳ ସାହୁ ଉପସ୍ଥିତ ଥିଲାବେଳେ ସମସ୍ତ ଅନ୍ତେବାସୀଙ୍କୁ କାରାଗାରର ନିୟମ ମାନି ନିଜ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଉପଦେଶ ଦେଇଥିଲେ।

ପରିବାର କଲ୍ୟାଣ ସଚେତନତା ରଥ ଶୁଭାରମ୍ଭ

ମାଲକାନଗିରି ,(ପି.ଏନ): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିବାର କଲ୍ୟାଣ ସଚେତନତା ରଥକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚ଼ନ୍ଦ୍ର ନାୟକ ଓ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଆଜି ଠାରୁ ଅର୍ଥାତ ୧୧ ଜୁଲାଇରୁ ୨୫ ଜୁଲାଇ ପର୍ଯ୍ୟନ୍ତ ମାଲକାନଗିରି ସହର ସମେତ ଜିଲ୍ଲାର ୭ଟି ବ୍ଲକର ଜନସାଧାରଣଙ୍କୁ ପରିବାର ନିୟୋଜନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଚ଼ିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ବ୍ରଜବନ୍ଧୁ ଦାଶ, ଅତିରିକ୍ତ ଜିଲ୍ଲା ଚ଼ିକିତ୍ସା ଅଧିକାରୀ (ଭିବିଡି)ଡାକ୍ତର ଧନେଶ୍ୱର ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଇନ୍ଦିରା ପ୍ରଧାନ,ଏନଏଚ଼ଏମ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶ୍ରୀମତୀ ସସ୍ମିତା ସାହୁ ସହିତ ବିଭିନ୍ନ ବ୍ଲକ ରୁ ଆସିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଓ ଆଶାମାନେ ଉପସ୍ଥିତ ଥିଲେ ।

# ନିର୍ବାଚନ ଆସିଲେ ଓଡ଼ିଶାର ବିକାଶ କଥା ମନେପଡେ: ପ୍ରଦେଶ କଂଗ୍ରେସ ସଭାପତି



ଭୁବନେଶ୍ୱର,(ପି.ଏନ): ୨୪ ବର୍ଷର ସରକାର, ମାଳ ମାଳ ଯୋଜନା କିନ୍ତୁ ଗୋଟିଏ ବି ଯୋଜନା ସଫଳ ରୂପାୟନ ହୋଇପାରିଲା ନାହିଁ ଏବଂ ଏହାର ସୁଫଳ ରାଜ୍ୟବାସୀ ପାଇଲେ ନାହିଁ। ପ୍ରତିଥର ନିର୍ବାଚନ ଆସିଲେ ରାଜ୍ୟ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବିଭିନ୍ନ ଯୋଜନା ନାରେ ଘୋଷଣା କରାଯାଉଛି ଏବଂ ସେସବୁ ଯୋଜନା ଗୁଡ଼ିକ ବିନା ଟେଣ୍ଡରରେ କାର୍ଯ୍ୟ କରାଯିବ ଏବଂ ଅର୍ଥରେ ବଡ଼ ବଡ଼ ଏଲଇଡି ସ୍କ୍ରିନ, ମାଳ ମାଳ ଫଟୋ ଲଗାଯିବ, ରାଜ୍ୟ ସରକାରଙ୍କ ଅଧିକାରୀମାନେ ଯିବେ ନୀବନ ବାବୁ ଆପଣମାନେ ଖୁସିତ ବୋଲି କହିବା ପାଇଁ ଏହି ଯୋଜନା। ଗତକାଲି ଓଡ଼ିଶା ସରକାର ଓଡ଼ିଶା ସରକାର ୫୦ଲକ୍ଷ ଟଙ୍କା ପ୍ରତି ପଞ୍ଚାୟତକୁ ଦେବାପାଇଁ ଯେଉଁ ଘୋଷଣା କରିଛନ୍ତି ତା'ର ପ୍ରକୃତି ଉଦ୍ଦେଶ୍ୟ ହେଉଛି ପଞ୍ଚାୟତ ସ୍ତରରେ କୌଣସି ଉନ୍ନତିମୂଳକ କାମ କରିବା ପରିବର୍ତେ ନିଜର ସରପଂଚ, ୱାର୍ଡମେର ଏବଂ ଅନ୍ୟାନ୍ୟ ପଂଚାୟତ ସ୍ତରର ନେତୃବୃନ୍ଦଙ୍କୁ ଏହି ଅର୍ଥ ବିଭିନ୍ନ ଅମୂଳକ ଉପାରେ ବାଂଟିବା ପାଇଁ ନମୋ ଓଡ଼ିଶା ନବୀନ ଓଡ଼ିଶାନ୍ତ ଯୋଜନାର ମୂଳ ଉଦ୍ଦେଶ୍ୟ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତି କ୍ଷୋଭ ଏବଂ ଉଦ୍‌ବେଗ ପ୍ରକାଶ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଟୁଭାଷାରେ ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ସହିତ ଏ ଯୋଜନାର ଆୟୁଷ କେତେ ବର୍ଷ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଗତ ୨୪ ବର୍ଷ ଭିତରେ ବହୁ ଗୁଡ଼ିଏ ଯୋଜନା ଘୋଷଣା ଏ ସରକାର କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ କାଳିଆ ଯୋଜନା, ବଳିଆ ଯୋଜନା, ପିଠା ଯୋଜନା ଇତ୍ୟାଦି ଘୋଷଣା କରାଗଲା। ଏହା ପୂର୍ବରୁ ମୋ କୁଡ଼ିଆ ଯୋଜନା, ମୋ ସାଇକେଲ ଯୋଜନା, ମୋ ମଶାରୀ ଯୋଜନା ଇତ୍ୟାଦି ଇତ୍ୟାଦି ଯୋଜନା କରାଯାଇଥିଲା। କାଳିଆ ଯୋଜନା ଘୋଷଣା କରି ସରକାର କହିଲେ ଏହି ଯୋଜନା ଦ୍ୱାରା କୃଷକର ଆୟ ବୃଦ୍ଧି ପାଇବ, କୃଷକ ଋଣଗ୍ରସ୍ତ ହେବ ନାହିଁ, କୃଷକ ପରିବାର ସଶକ୍ତ ହେବ। କିନ୍ତୁ ମାତ୍ର ଦୁଇବର୍ଷ ପରେ, ୨୦୨୧ ମସିହା ତଥ୍ୟ ଅନୁସାରେ ଓଡ଼ିଶାର କୃଷକର ଆୟ ଭାରତବର୍ଷର ଦ୍ୱିତୀୟ ସର୍ବନିମ୍ନ। କୃଷକର ପ୍ରତିଦିନ ଆୟ ମାତ୍ର ୨୭ ଟଙ୍କା। ୨୦୧୭ ମସିହା ସୁଦ୍ଧା କୃଷକର ଆୟ ଦ୍ୱିଗୁଣା ହୋଇଯିବ ବୋଲି କହିଥିଲେ। କିନ୍ତୁ ଆଜକୁ ଦୀର୍ଘ ୨୪ ବର୍ଷ ପରେ କୃଷକର ଆୟ ୩ଟଙ୍କାର ମଧ୍ୟ ବୃଦ୍ଧି ଘଟିନାହିଁ। କୃଷକ ଆତ୍ମ ହତ୍ୟା ଓଡ଼ିଶାରେ ସର୍ବାଧିକ ସରକାର ମାନିବାକୁ ରାଜି ନାହାନ୍ତି। ୨୦୦୯ ମସିହାରେ ପ୍ରତ୍ୟେକ ବ୍ଲକରେ ୩୫% ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ୧୫ ବର୍ଷ ପରେ ଆଜି ରାଜ୍ୟ ସରକାର ରଖନ୍ତୁ। ଅଭାବୀ ବିକ୍ରୀ କଥା ଆଉ ଅଛପା ନାହିଁ। ରାଜ୍ୟରେ ନାରୀ ନିର୍ଯ୍ୟାତନା ସର୍ବାଧିକ। ସରକାର କହନ୍ତି ବିଜୁ ଜନତା ଦଳ ମହିଳା ମାନଙ୍କ ଦଳ। ରାଜ୍ୟର ମହିଳାମାନଙ୍କ ସ୍ଥିତି ଅତ୍ୟନ୍ତ ସାଂଘାତିକ। ଏବେ ଯେଉଁ ୪୦୦୦ କୋଟି ଟଙ୍କାର ଯୋଜନା ଘୋଷଣା କରାଗଲା ଏ ଟଙ୍କା ରାଜ୍ୟ ରାଜକୋଷକୁ ଲୁଟ କରି ବିଜୁ ଜନତା ଦଳକୁ ପଞ୍ଚାୟତ ସ୍ତରରେ ସଶକ୍ତ କରିବାପାଇଁ ଏ ଯୋଜନା। ଗ୍ରାମାଞ୍ଚଳର ବିକାଶ କଥା ନିର୍ବାଚନ ଆସିଲେ କେବଳ ମନେ ପଡୁଛି। ଅଢ଼େଇ ଦଶନ୍ଧି ଧରି ଶାସନରେ ରହିଲାପରେ ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାବ୍ୟବସ୍ଥା ଆଜି କିଭଳି ଅଛି ? ଏହି ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟର ପ୍ରାଥମିକ ଶିକ୍ଷା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ରାଜ୍ୟର ସ୍ଥାନ ୧୪ ରୁ ଯାଇ ୨୪କୁ ଖସିଲାଣି ତଥାପି ଚିନ୍ତା ନାହିଁ। କଂଗ୍ରେସ ସରକାର ସମୟରେ ଯେଉଁ ସବୁ ସ୍କୁଲ ଗୁଡ଼ିକ କରାଯାଇଥିଲା ସେଗୁଡ଼ିକ ରଙ୍ଗ ଦେଇ ବାହସପୋଟ ମାରୁଛନ୍ତି। ରାଜ୍ୟରେ ୫୩ ହଜାର ଶିକ୍ଷକ ନାହାନ୍ତି। ଶୌଚାଳୟ ଗୁଡ଼ିକରେ ପାଣି ନାହିଁ। ବ୍ୟବସ୍ଥା କିଭଳି ଚାଲିଛି ? ୨୦୨୧ ମସିହା ସୁଦ୍ଧା ପ୍ରତି ଗାଁକୁ ସ୍ୱଚ୍ଛ ପିଇବାପାଣି ଯୋଗାଇ ଦେବାପାଇଁ ଧାର୍ଯ୍ୟ କରିଥିଲେ। କିନ୍ତୁ ବାସ୍ତବ ସ୍ଥିତି କ'ଣ ? ରାଜ୍ୟର ୩୦% ଗାଁକୁ ସ୍ୱଚ୍ଛ ପିଇବାପାଣି ପାଇପ ମାଧ୍ୟମରେ ଯୋଗାଇ ପାରିନାହାନ୍ତି। ଏତେ ସବୁ ଯୋଜନା କାହାପାଇଁ କରାଯାଇଥିଲା। ଏହାର ସୁଫଳ କାହିଁକି କେହି ପାଉନାହାନ୍ତି ? ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ। ଯଦି ୪୦୦୦ କୋଟି ଟଙ୍କା ବ୍ୟୟରେ ୩୧୪ ବ୍ଲକରେ ୩୧୪ଟି ଶୀତଳ ଭଣ୍ଡାର କରାଯିବ ତାହାର ଲାଭ ଆମ ଓଡ଼ିଶା ପାଇବ। କଂଗ୍ରେସ ସରକାର ଆସିଲେ ଆମ ଓଡ଼ିଶାର ବିକାଶ ପ୍ରକୃତ କାର୍ଯ୍ୟକାରୀ ହେବ। ଶବ ସାଇକେଲ, ଟ୍ରଲିରେ ବୁହା ଯାଉଛି। ଶବ ବାହାକ ଗାଡ଼ିଟିଏ ଦିଆଯାଇ ପାରୁନାହିଁ। ରାଜ୍ୟରେ ୬୫ଭାଗ ମହିଳା ରକ୍ତହୀନତା ଓ ଅପପୃଷ୍ଟିର ଶିକାର। ତଥାପି ବିକାଶର ଚିଠା ବାଂଟୁଛନ୍ତି। ଏଇଥିପାଇଁ ଏହି ୪୦୦୦ କୋଟି ଟଙ୍କାର ଘୋଷଣା। ଓଡ଼ିଶାରେ ବିକାଶ କିଛି ହେବ ନାହିଁ। ଏହା ତାଙ୍କ ଏଜେଣ୍ଡାରେ ନାହିଁ। ଓଡ଼ିଶାବାସୀ ଏହାକୁ ଶୀଘ୍ର ଗ୍ରହଣ କରନ୍ତୁ। ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ରାଜ୍ୟରେ ୪୪ ହଜାର ୯ଶହ ସ୍କୁଲରେ ପାଖାପାଖି ଗୋଟିଏ ମାତ୍ର କ୍ଲାସ ରୁମ ଅଛି। ଯେଉଁଥିରେ କି ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଂଚମ ପିଲାମାନଙ୍କୁ ପଢ଼ାଯାଉଛି ଏ ହେଉଛି ଏ ସରକାରଙ୍କର ଉପଲବ୍ଧି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray